# ୨୦୧୬-୨୦୧୭ ବର୍ଷ ପାଇଁ ଶକ୍ତି ବିଭାଗର କାର୍ଯ୍ୟାବଳୀ

ତତ୍କାଳୀନ ଜଳସେଚନ ଓ ବିଦ୍ୟୁତ୍ ବିଭାଗ ଭାଗ ହୋଇ ୧୯୯୦ ମସିହା ଏପ୍ରିଲ ୨୪ ତାରିଖରେ ଶକ୍ତି ବିଭାଗ ସୃଷ୍ଟି ହେଲା । ଆର୍ଥିକ ପ୍ରଗତି ତଥା ଜନସାଧାରଣଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଦ୍ୟୁତ୍ ଅପରିହାର୍ଯ୍ୟ ଅଟେ । ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇ ରାଜ୍ୟରେ ବୃଦ୍ଧି ପାଉଥିବା ଶିଳ୍ପାୟନ, ବିଦ୍ୟୁତିକରଣ ଓ କୃଷିର ଆବଶ୍ୟକତା ମେଣ୍ଟାଇବାର ଲକ୍ଷ୍ୟ ତଥା ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଶକ୍ତି ଯୋଗାଇଦେବା ପାଇଁ ଓଡିଶା ସରକାର ଉକ୍ତ କ୍ଷେତ୍ରରେ ସଂସ୍କାର ଆଣିଥିଲେ ।

ରାଜ୍ୟରେ ବର୍ତ୍ତମାନ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ନିମ୍ନରେ ସୂଚୀତ ହୋଇଛି ।

| | | |
|---|---|---|
| ୧. | ଜଳ ବିଦ୍ୟୁତ୍ ଉତ୍ପାଦନ କ୍ଷମତା | - ୨୦୨୩ ମେଗାୱାଟ୍ |
| ୨. | ତାପଜ ବିଦ୍ୟୁତ୍ ଉତ୍ପାଦନ କ୍ଷମତା | - ୨୨୨୪ ମେଗାୱାଟ୍ |
| ୩. | କେନ୍ଦ୍ରୀୟ ଅଂଶ | - ୧୩୯୨ ମେଗାୱାଟ୍ |
| ୪. | ନୂତନ ତଥା ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା | -୨୧୫ ମେଗାୱାଟ୍ |
| | **ମୋଟ୍** | **-୫୮୫୪ ମେଗାୱାଟ୍** |

**ଶକ୍ତି ବିଭାଗ ଅଧିନରେ ବର୍ତ୍ତମାନ ୫ଟି ମୁଖ୍ୟ ଦପ୍ତର କାର୍ଯ୍ୟ କରୁଅଛି ଯଥା:-**

(୧) ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

(୨) ମୁଖ୍ୟ ଯନ୍ତ୍ରୀ ତଥା ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ (ସେଣ୍ଟ୍ରାଲ୍ ଜୋନ୍)

(୩) ମୁଖ୍ୟ ଯନ୍ତ୍ରୀ ତଥା ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ (ସାଉଥ୍ ଜୋନ୍)

(୪) ମୁଖ୍ୟ ଯନ୍ତ୍ରୀ ତଥା ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ (ନର୍ଥ ଇଷ୍ଟ୍ ଜୋନ୍)

(୫) ମୁଖ୍ୟ ଯନ୍ତ୍ରୀ ତଥା ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ (ୱେଷ୍ଟର୍ଣ୍ଣ ଜୋନ୍)

ଏତଦ୍ ବ୍ୟତିତ ଏହି ବିଭାଗ ଅଧିନରେ ୭ଟି ସରକାରୀ ନିଗମ ଯଥା ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍(OHPC), ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ (OPGC), ଓଡିଶା ଶକ୍ତି ସଞ୍ଚରଣ ନିଗମ ଲିମିଟେଡ୍ (OPTCL), ଗ୍ରୀଡକୋ ଲିମିଟେଡ୍ (GRIDCO), ଓଡିଶା ତାପଜ ନିଗମ ଲିମିଟେଡ୍(OTPCL),ଓଡିଶା ସବୁଜଶକ୍ତି ଉନ୍ନୟନ ନିଗମ (GEDCOL) ଏବଂ ଓଡିଶାକୋଇଲା ଓ ଶକ୍ତି ନିଗମ (OCPL) କାର୍ଯ୍ୟ କରୁଛନ୍ତି ।

ଶକ୍ତି ବିଭାଗରେ କାର୍ଯ୍ୟକାରୀ ହୋଇଥିବା ଯୋଜନା ଓ ନିଗମ ମାନଙ୍କର କାର୍ଯ୍ୟାବଳୀ ସଂକ୍ଷିପ୍ତରେ ପ୍ରଦାନ କରାଗଲା ।

**<u>କ୍ଷୁଦ୍ର/ ଅତିକ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ:-</u>**

ଏହି ବିଭାଗ ୨୫ ମେଗାୱାଟ୍ ପର୍ଯ୍ୟନ୍ତ ଶକ୍ତି ସମ୍ପନ୍ନ କ୍ଷୁଦ୍ର ଏବଂ ଅତି କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପଗୁଡିକର ବିକାଶ ନିମନ୍ତେ କାର୍ଯ୍ୟ କରୁଅଛି । ଯାହାକି ନବୀକରଣୀୟ ଶକ୍ତିକୁ ବ୍ୟବହାର କରି ବିଦ୍ୟୁତ୍ ଉତ୍ପାଦନ କ୍ଷମତାକୁ ବଢାଇବାରେ ବିଶେଷ ସହାୟକ ହେଉଅଛି । ବିଭିନ୍ନ ନିବେଶକମାନଙ୍କୁ ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ ଉତ୍ସାହିତ କରାଯାଉଅଛି ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ ୨୦୦୯ ମସିହାଠାରୁ ୫୭ ମେଗାୱାଟ୍ କ୍ଷମତା ବିଶିଷ୍ଟ ୩ ଗୋଟି କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ରାଜ୍ୟ ବିଦ୍ୟୁତ୍ ଗ୍ରୀଡକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେଇ ଆସୁଅଛି । ୨୦୦୯-୧୦ ଆର୍ଥିକ ବର୍ଷରେ ୧୪୧.୧୭୧ ମିଲିୟନ୍ ୟୁନିଟ୍, ୨୦୧୦-୧୧ ଆର୍ଥିକ ବର୍ଷରେ ୨୪୯.୯୫୦ ମିଲିୟନ୍ ୟୁନିଟ୍, ୨୦୧୧-୧୨ ଆର୍ଥିକ ବର୍ଷରେ ୨୫୪.୨୬୩ ମିଲିୟନ୍ ୟୁନିଟ୍, ୨୦୧୨-୧୩ ଆର୍ଥିକ ବର୍ଷରେ ୨୪୪.୫୮ ମିଲିୟନ୍ ୟୁନିଟ୍, ୨୦୧୩-୧୪ ଆର୍ଥିକ ବର୍ଷରେ ୩୩୬.୮୩୯ ମିଲିୟନ୍ ୟୁନିଟ୍, ୨୦୧୪-୧୫ ଆର୍ଥିକ ବର୍ଷରେ ୨୮୬.୫୮ ମିଲିୟନ୍ ୟୁନିଟ୍ ଏବଂ ୨୦୧୫-୧୬ ଆର୍ଥିକ ବର୍ଷରେ ୨୬୩.୨୪ ମିଲିୟନ୍ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉପରୋକ୍ତ ୩ ଗୋଟି କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ଗ୍ରୀଡକୋକୁ ଦେଇଛନ୍ତି ।

୨୪, ୧୮, ୧୫ ଓ ୯ ମେଗାୱାଟ୍ ଶକ୍ତି ସମ୍ପନ୍ନ ୪ ଗୋଟି ପ୍ରକଳ୍ପ ସହିତ ଇମ୍ପ୍ଲିମେଣ୍ଟେସନ୍ ଏଗ୍ରିମେଣ୍ଟ ସ୍ୱାକ୍ଷର ହୋଇଅଛି । ଏହା ବ୍ୟତୀତ ୨୬ଟି ପ୍ରକଳ୍ପର ସମୁଦାୟ ୨୭୪ ମେଗାୱାଟ୍ କ୍ଷମତା ପାଇଁ ବିଭିନ୍ନ ଉଦ୍ୟୋକ୍ତାମାନଙ୍କର ରାଜ୍ୟ ସରକାରଙ୍କ ସହିତ (ବୁଝାମଣା /ଚୁକ୍ତି ପତ୍ର) ସ୍ୱାକ୍ଷରିତ ହୋଇଛି । ଏହି ପ୍ରକଳ୍ପ ପ୍ରସ୍ତାବ ଗୁଡିକ ବିଭିନ୍ନ ପର୍ଯ୍ୟାୟରେ ତର୍ଜମା କରାଯାଉଅଛି । ଏଥିମଧ୍ୟରୁ OHPC ସହାୟକ ସଂସ୍ଥା GEDCOL କୁ, କେନ୍ଦୁଝର ଜିଲ୍ଲାର କାନୁପୁର ଡ୍ୟାମ୍ ଠାରେ ୩ ମେଗାୱାଟ୍ ବିଶିଷ୍ଟ କାନୁପୁର୍ SHEP ସ୍ଥାପନ କରିବାକୁ ଦାୟିତ୍ୱ ଦିଆଯାଇଛି । ଏହି ପ୍ରସ୍ତାବର ବୁଝାମଣା ପତ୍ର ୨୦୧୬ ମସିହାରେ ସ୍ୱାକ୍ଷରିତ ହୋଇଅଛି ।

କ୍ଷୁଦ୍ର/ ଅତି କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପର ବିକାଶ ନିମନ୍ତେ ଶକ୍ତି ବିଭାଗ Hydro Policy ରେ ପରିବର୍ତ୍ତନ ଆଣି Odisha Renewable Energy policy-2016 ଅନୁମୋଦିତ କରିଛନ୍ତି ।

## ରାଜସ୍ୱ ଆଦାୟ, ବୈଦ୍ୟୁତିକ ନିରୀକ୍ଷଣ/ ଲାଇସେନ୍ସ ପ୍ରଦାନ

ରାଜସ୍ୱ ଆଦାୟ, ବିଦ୍ୟୁତ୍ ନିରୀକ୍ଷଣ, ବୈଦ୍ୟୁତିକ ଲାଇସେନ୍ସ୍ ପ୍ରଦାନ ଏବଂ ବିଦ୍ୟୁତ୍ ଦୁର୍ଘଟଣା ଇତ୍ୟାଦି କାର୍ଯ୍ୟ ଗୁଡିକର ତଦାରଖ ପାଇଁ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି ।

ବିଦ୍ୟୁତ୍ ଶୁଳ୍କ ଓଡିଶା ସରକାରଙ୍କର ଏକ ପ୍ରଧାନ ରାଜସ୍ୱ । ବିଦ୍ୟୁତ୍ ଉପଭୋକ୍ତା ମାନଙ୍କଠାରୁ ବିଦ୍ୟୁତ୍ ବ୍ୟବହାର, ବିଦ୍ୟୁତ୍ ସୁରକ୍ଷା ଯାଞ୍ଚ, ବୈଦ୍ୟୁତିକ ଉପକରଣମାନ ପରୀକ୍ଷଣ ଏବଂ ବୈଦ୍ୟୁତିକ କାର୍ଯ୍ୟ କୁଶଳତା ନିମନ୍ତେ ଅନୁମତି ପତ୍ର ପ୍ରଦାନ ବାବଦରେ ରାଜସ୍ୱ ଆଦାୟ କରାଯାଏ । ଚଳିତ ବର୍ଷ ୨୦୧୬-୧୭ ରେ ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟ ଟ.୧୫୦୦ କୋଟି ଥିବା ସ୍ଥଳେ, ଅକ୍ଟୋବର ଶେଷ ସୁଦ୍ଧା ସର୍ବମୋଟ ଟ.୮୬୫.୩୯ କୋଟି ଆଦାୟ କରାଯାଇଛି ।

ଗତ ଛଅ (୨୦୧୦-୧୧ ରୁ ୨୦୧୫-୧୬) ଆର୍ଥିକ ବର୍ଷର ରାଜସ୍ୱ ଧାର୍ଯ୍ୟ ଲକ୍ଷ୍ୟ ଏବଂ ଆଦାୟ ହୋଇଥିବା ରାଜସ୍ୱର ଏକ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

**୨୦୧୦-୧୧ ରୁ ୨୦୧୫-୧୬**

| କ୍ର.ନଂ | ବର୍ଷ | ଧାର୍ଯ୍ୟ ଲକ୍ଷ୍ୟ (କୋଟିରେ) | ଆଦାୟ ରାଜସ୍ୱ (କୋଟିରେ) | ମନ୍ତବ୍ୟ |
|---|---|---|---|---|
| ୧ | ୨୦୧୦-୧୧ | ୬୦୦.୦୦ | ୪୫୮.୦୬ | ନନ୍-କ୍ୟାପଟିଭ୍, କ୍ୟାପଟିଭ୍ ବିଦ୍ୟୁତ୍ ଶୁଳ୍କ ଏବଂ ନିରୀକ୍ଷଣ ଫିସ୍ ବାବଦରେ ଆଦାୟ କରାଯାଇଥିବା ଶୁଳ୍କ *-ବକେୟା ବିଦ୍ୟୁତ୍ ଶୁଳ୍କ ବାବଦରେ |
| ୨ | ୨୦୧୧-୧୨ | ୫୫୦.୦୦ | ୫୫୧.୭୨ | |
| ୩ | ୨୦୧୨-୧୩ | ୭୦୦.୦୦ | ୫୯୧.୧୬ | |
| ୪ | ୨୦୧୩-୧୪ | ୭୧୦.୦୦ | ୬୭୦.୧୧ | |
| ୫ | ୨୦୧୪-୧୫ | ୮୦୦.୦୦ | ୮୫୦.୦୦ ଏବଂ | |

| | | | | |
|---|---|---|---|---|
| | | | *୮୭୨.୦୦ | |
| ୬ | ୨୦୧୫-୧୬ | ୧୨୦୦ | ୧୨୧୨.୯୪ | |

ପ୍ରତିବର୍ଷ ଆଦାୟ ହେଉଥିବା ରାଜସ୍ୱର ପରିମାଣ ନିୟମିତ ଭାବରେ ବୃଦ୍ଧି ଘଟିଛି । ଚଳିତ ଆର୍ଥିକ ବର୍ଷ ପାଇଁ ଟ.୧୫୦୦ କୋଟିର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

**<u>ରାଜସ୍ୱ ଆଦାୟ ପାଇଁ ନିଆଯାଇଥିବା ପଦକ୍ଷେପ:-</u>**

ବିଦ୍ୟୁତ୍ ନିରୀକ୍ଷଣ କାର୍ଯ୍ୟ ଏବଂ ବିଦ୍ୟୁତ୍ ଶୁଳ୍କ ଆଦାୟକୁ ତ୍ୱରାନ୍ୱିତ କରିବାପାଇଁ ବିଶେଷ ପଦକ୍ଷେପମାନ ନିଆଯାଇଛି । କେତେକ ସଂସ୍ଥା ବକେୟା ବିଦ୍ୟୁତ୍ ଶୁଳ୍କ ପଇଠ ନ କରି ଆଇନ୍ ଅଦାଲତର ସହାୟତା ନେଇଛନ୍ତି, ସେଥିପାଇଁ ବହୁ ପରିମାଣର ବକେୟା ରାଜସ୍ୱ ଅନାଦେୟ ହୋଇରହିଛି IRSP, Rourkela ଠାରୁ ବକେୟା ବିଦ୍ୟୁତ୍ ଶୁଳ୍କ ଆଦାୟ ନିମନ୍ତେ "Out of Court settlement" ଜରିଆରେ ସମାଧାନ ପାଇଁ ପ୍ରକ୍ରିୟା ଜାରି ରହିଛି ।

Electricity (Duty) Amendment Act, 2016 ବିଧାନସଭାରେ ପାରିତ ହୋଇ ୦୫.୧୧.୨୦୧୬ ର ଓଡିଶା ଗେଜେଟ୍ ରେ ପ୍ରକାଶିତ ହୋଇଅଛି, ଯଦ୍ୱାରା ପୀଡିତ ଉପଭୋକ୍ତାମାନେ, ପରବର୍ତ୍ତୀ ଉପରିସ୍ଥ ଅଧିକାରୀଙ୍କ ଠାରେ ନିଜର ଅଭିଯୋଗ ବିଷୟରେ ଅପିଲ୍ କରିପାରିବେ । ମୁଦ୍ରାସ୍ଫିତିକୁ ବିଚାର କରି ତଥା ବିଦ୍ୟୁତ୍ ଦରରେ ନିୟମିତ ବୃଦ୍ଧି ଏବଂ ଶକ୍ତି କ୍ଷେତ୍ରରେ ଭିତ୍ତିଭୂମିରେ ଉନ୍ନତିର ଆବଶ୍ୟକତା ପାଇଁ ବିଦ୍ୟୁତ୍ ଶୁଳ୍କର ସର୍ବୋଚ୍ଚ ସୀମାକୁ ବୃଦ୍ଧି କରାଯାଇ ନିଜସ୍ୱ ଉତ୍ପାଦନ ବିଦ୍ୟୁତ୍ ବ୍ୟବହାର ପାଇଁ ଦୁଇଟଙ୍କା ଓ ଅନ୍ୟାନ୍ୟ ସୂତ୍ରରୁ ଉପଲବ୍ଧ ବିଦ୍ୟୁତ୍ ପାଇଁ ବିଦ୍ୟୁତ୍ ମୂଲ୍ୟର ଶତକଡା ୧୫ ପ୍ରତିଶତ ରଖାଯାଇଛି । ଏତଦ୍ ବ୍ୟତୀତ ନିଜସ୍ୱ ଉପଭୋକ୍ତା ମାନଙ୍କ ହିତ ନିମିତ୍ତ ଜେନେରେଟରରୁ ଉତ୍ପାଦିତ ବିଦ୍ୟୁତ୍ ପାଇଁ ଶୁଳ୍କ ଆଦାୟର ସର୍ବନିମ୍ନ କ୍ଷମତା ପରିସରକୁ ୧୦ କେ.ଭି.ଏ ରୁ ୫୦ କେ.ଭି.ଏ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ଶୁଳ୍କ ଜନିତ ବିବାଦର ଉଚିତ୍ ନ୍ୟାୟ ଦେବା ପାଇଁ ତ୍ରିସ୍ତରୀୟ ବିଚାରର ବ୍ୟବସ୍ଥା କରାଯାଇଛି । ଏହି ସଂଶୋଧନରେ ମୁଖ୍ୟତଃ ଅପରିଭାଷିତ କ୍ଷେତ୍ର ଓ ପୀଡିତ ଉପଭୋକ୍ତାଙ୍କ ଅଭିଯୋଗ ଗୁଡିକ ଆପତ୍ତି କରିବା ସକାଶେ ବ୍ୟବସ୍ଥା ରଖାଯାଇଛି ।

ଉପର ଲିଖିତ ସଂଶୋଧିତ ଅଧିନିୟମର ନିୟମାବଳୀମାନ ବିଧାନସଭାରେ ଉପସ୍ଥାପନା କରାଯାଇଛି । ଉକ୍ତ ନିୟମ ପ୍ରକାଶ ପାଇଲେ ବକେୟା ଶୁଳ୍କ ଆଦାୟ ବ୍ୟବସ୍ଥା ସହଜ ହେବ ।

**ଗ୍ରାମ୍ୟ ବିଦ୍ୟୁତିକରଣ ଯୋଜନା**

**ବିଜୁ ଗ୍ରାମ ଜ୍ୟୋତି ଯୋଜନା**

ଶହେରୁ କମ୍ ଜନସଂଖ୍ୟା ବିଶିଷ୍ଟ ପଡାଗ୍ରାମ/ଦଳିତବସ୍ତିକୁ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନାରେ ଅନ୍ତର୍ଭୁକ୍ତ ନ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ପରିପ୍ରେକ୍ଷୀରେ ଏହି ଗ୍ରାମ ଗୁଡିକର ବିଦ୍ୟୁତିକରଣ ପାଇଁ ଓଡିଶା ସରକାର ବିଜୁ ଗ୍ରାମ ଜ୍ୟୋତି ନାମକ ଏକ ନୂତନ ଯୋଜନା ୨୦୦୭-୦୮ ଆର୍ଥିକ ବର୍ଷଠାରୁ ପ୍ରଚଳନ କରିଅଛନ୍ତି । ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ୧୦ ହଜାର ଗ୍ରାମ/ପଡାଗ୍ରାମ/ବସ୍ତିକୁ ବିଦ୍ୟୁତିକରଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଅଦ୍ୟାବଧି ୧୭୧୬୭ ପଡାଗ୍ରାମ/ବସ୍ତିକୁ ବିଦ୍ୟୁତିକରଣ କରାଯାଇଛି । ରାଜ୍ୟ ସରକାର ନଭେମ୍ବର ୨୦୧୬ ସୁଦ୍ଧା ଏହି ଯୋଜନାରେ ୮୨୦ କୋଟି ଟଙ୍କା ଜିଲ୍ଲା ଗୁଡିକୁ ଯୋଗାଇ ଦେଇଛନ୍ତି; ତନ୍ମଧ୍ୟରୁ ଅଦ୍ୟାବଧି ୫୧୦.୬୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଆର୍ଥିକ ବର୍ଷ ୨୦୧୬-୧୭ ବଜେଟରେ ଏହି ଯୋଜନାରେ ୨୫୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଚାଲୁ ରହିଛି ।

**ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା**

ଶହେ କିମ୍ବା ତଦୁର୍ଦ୍ଧ୍ୱ ଜନସଂଖ୍ୟା ଥିବା ସମସ୍ତ ଗ୍ରାମ/ପଡାଗ୍ରାମ/ଦଳିତବସ୍ତି ମାନଙ୍କୁ ଜାତୀୟ ସାଧାରଣ ସର୍ବନିମ୍ନ ଯୋଜନା ମାଧ୍ୟମରେ ବିଦ୍ୟୁତ୍ ଶକ୍ତି ଯୋଗାଇଦେବା ପାଇଁ ଭାରତ ସରକାର ଏପ୍ରିଲ୍, ୨୦୦୫ ରେ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା ପ୍ରଚଳନ କରିଅଛନ୍ତି । ଏହି ଯୋଜନା ପାଇଁ ଗ୍ରାମ୍ୟ ବିଦ୍ୟୁତିକରଣ ନିଗମ (REC) ଯୋଗାଇ ଦେଉଥିବା ସମସ୍ତ ପାଣ୍ଠିର ୯୦% କେନ୍ଦ୍ର ସରକାରଙ୍କର ପୁଞ୍ଜି ସାହାଯ୍ୟ (Capital Subsidy) ଏବଂ ୧୦% ରାଜ୍ୟ ସରକାରଙ୍କର ଋଣ ଅଟେ IREC ଏହି ପ୍ରକଳ୍ପ ପାଣ୍ଠିକୁ NTPC, NHPC ଓ PGCIL କୁ କାର୍ଯ୍ୟ ସମ୍ପାଦନ ନିମିତ୍ତ ଯୋଗାଇ ଦେଉଛନ୍ତି ।

୧୦ମ ଓ ୧୧ଶ ଯୋଜନା ଅବଧି ମଧ୍ୟରେ ବିଦ୍ୟୁତିକରଣ ହୋଇନଥିବା ୧୪୪୦୨ ଗୋଟି ଗ୍ରାମରେ ବିଦ୍ୟୁତିକରଣ ତଥା ୨୬୩୫୩ ଟି ଆଂଶିକ ବିଦ୍ୟୁତିକରଣ (Partially Electrified) ଗ୍ରାମରେ ବିଦ୍ୟୁତିକରଣ କରାଯାଇଛି ଓ ୨୮୭୬୧୪୯ ବି.ପି.ଏଲ୍ ଘର ଗୁଡିକରେ ବିପିଏଲ୍ କିଟ୍ ସ୍ଥାପନ କରାଯାଇ ଅଦ୍ୟାବଧି ୨୩୧୫୬୦୫ ସଂଖ୍ୟକ ଗୃହକୁ ବିଦ୍ୟୁତ୍ ସଂଯୋଗ କରାଯାଇଅଛି ।

ଦ୍ୱାଦଶ ଯୋଜନା ମଧ୍ୟରେ ଅଦ୍ୟାବଧି ୩୧୪୪ ଗ୍ରାମ ଓ ୧୬୫୩୩ ପଡା ଗ୍ରାମଗୁଡିକର ବିଦ୍ୟୁତିକରଣ ପାଇଁ କେନ୍ଦ୍ର ସରକାର ୩୫୫୦.୭୫ କୋଟି ଟଙ୍କା ପ୍ରଦାନ କରିଛନ୍ତି । ବିଦ୍ୟୁତ୍ କରଣ କରାଯିବାକୁ ଥିବା ୩୧୪୪ ଟି ଗ୍ରାମ ମଧ୍ୟରୁ ୩୦.୧୧.୨୦୧୬ ସୁଦ୍ଧା ବିଦ୍ୟୁତିକରଣ ପାଇଁ ଆଉ ମାତ୍ର ୫୧୧ ଟି ଗ୍ରାମ ବାକି ଅଛି ।

ଉକ୍ତ ଯୋଜନାରେ ଓଡିଶା ସରକାର ଋଣଭାର ପରିଶୋଧ କରିବା ପାଇଁ ଆର୍ଥିକ ବର୍ଷ ୨୦୧୬-୧୭ ରେ ୧୦୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି ।

**ବିଜୁ ସହରାଞ୍ଚଳ ବିଦ୍ୟୁତିକରଣ ଯୋଜନା**

ଜୀବନର ଏକ ଅତ୍ୟାବଶ୍ୟକୀୟ ସାମଗ୍ରୀ, ବିଦ୍ୟୁତକୁ ସହରାଞ୍ଚଳର ଅନ୍ୟୁନ ୧୦୦ ଜଣରୁ କମ୍ ବାସ କରୁଥିବା ଅଞ୍ଚଳକୁ ଯୋଗାଇଦେବା ପାଇଁ ଓଡିଶା ସରକାରଙ୍କ (ଶକ୍ତି ବିଭାଗ) ବିଜୁ ସହରାଞ୍ଚଳ ବିଦ୍ୟୁତିକରଣ ଯୋଜନା, ଦୀର୍ଘ ମିଆଦୀ ସୂତ୍ରରେ ୨୦୧୦-୧୧ ଆର୍ଥିକ ବର୍ଷରୁ ପ୍ରଚଳନ କରିଅଛନ୍ତି । ଏହି ଯୋଜନାରେ ଅଣବିଦ୍ୟୁତିକରଣ ଗ୍ରାମ/ବସ୍ତି/ୱାର୍ଡ ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରାଯାଇଛି । ୫ଟି ମ୍ୟୁନିସିପାଲିଟି କର୍ପୋରେସନ୍, ୬୧ଟି ଏନ୍.ଏ.ସି ଓ ୪୫ଟି ମ୍ୟୁନିସିପାଲିଟିକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ।

୩୦.୧୧.୨୦୧୬ ସୁଦ୍ଧା ଏହି ଯୋଜନାରେ ୧୧୮.୧୫ କୋଟି ଟଙ୍କା ଜିଲ୍ଲାମାନଙ୍କୁ ଯୋଗାଇ ଦିଆଯାଇ ୨୬୩୫ ଟି ଗ୍ରାମ/ବସ୍ତି/ୱାର୍ଡକୁ ବିଦ୍ୟୁତିକରଣ କରାଯାଇଛି । ଆର୍ଥିକ ବର୍ଷ ୨୦୧୬-୧୭ ବଜେଟରେ ଏହି ଯୋଜନାରେ ୧୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଚାଲୁ ରହିଛି ।

**ନୂତନ ୩୩/୧୧ କେ.ଭି ସବ୍-ଷ୍ଟେସନ୍ ନିର୍ମାଣ**

ରାଜ୍ୟରେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଉତ୍କୃଷ୍ଟ ମାନର ବିଦ୍ୟୁତ୍ ଶକ୍ତି ଯୋଗାଇଦେବା ପାଇଁ ତଥା ଗ୍ରାମାଞ୍ଚଳରେ କ୍ଷୀଣ ବିଜୁଳି ଆଲୋକ (Low Voltage)ସମସ୍ୟାର ଦୂରୀକରଣ ପାଇଁ ରାଜ୍ୟ ସରକାର ଅଧିକ ୫୦୦ ଗୋଟି ୩୩/୧୧ କେ.ଭି ସବ୍-ଷ୍ଟେସନ୍ ର ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା ଓପିଟିସିଏଲ୍ କୁ ଦାୟିତ୍ୱ ଦେଇଛନ୍ତି । ଏଥିପାଇଁ ଆର୍ଥିକ ବର୍ଷ ୨୦୧୬-୧୭ ରେ ୯୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଓପିଟିସିଏଲ୍ ମାଧ୍ୟମରେ ଉପରୋକ୍ତ ସବ୍-ଷ୍ଟେସନ୍ ଗୁଡିକ କାର୍ଯ୍ୟକାରୀ ହେଲା ପରେ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କୁ ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ହସ୍ତାନ୍ତର କରାଯିବ । ଏହା ଦ୍ୱାରା ବିଦ୍ୟୁତ୍ ବିତରଣ କମ୍ପାନୀ ଗୁଡିକର ବିଦ୍ୟୁତ୍ ପରିବହନ ଜନିତ କ୍ଷତି କମିବା ସହ ଆର୍ଥିକ ବୋଝ କମିପାରିବ । ଏହି ଯୋଜନା ମାଧ୍ୟମରେ ରାଜ୍ୟରେ ଦୃଢ ବୈଦୁତିକ ଭିତ୍ତିଭୂମିର ବିକାଶ ସହ ପରିବହନ ଜନିତ କ୍ଷତି ବାର୍ଷିକ ୩ ପ୍ରତିଶତ ଏବଂ ବିତରଣ କମ୍ପାନୀ ଗୁଡିକର କ୍ଷତି ବାର୍ଷିକ ୨୫୫ କୋଟି ଟଙ୍କା କମାଯାଇପାରିବ ।

**ବିତରଣର ଉନ୍ନତି ନିମନ୍ତେ କ୍ୟାପେକ୍ସ କାର୍ଯ୍ୟକ୍ରମ (CAPEX)**

ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାର ସୁଦୃଢିକରଣ ପାଇଁ ୨୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରଣୟନ କରାଯାଇଥିବା କ୍ୟାପେକ୍ସ (CAPEX:-Capital Expenditure) ଯୋଜନା ୨୦୧୧-୧୨ ଆର୍ଥିକ ବର୍ଷରୁ ଆରମ୍ଭ କରି ୪ ବର୍ଷ ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ମାତ୍ର ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ODSSP, DDUGJY ଓ IPDS ଭଳି ଯୋଜନା ଗୁଡିକର ପ୍ରଣୟନ ପରେ କ୍ୟାପେକ୍ସ ଯୋଜନାକୁ ପ୍ରଥମ ପର୍ଯ୍ୟାୟ (phase-I) ରେ ସୀମିତ ରଖିବା ପାଇଁ ସ୍ଥିର କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ କ୍ୟାପେକ୍ସ ଯୋଜନାରେ ୯୬୦.୮୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ରାଜ୍ୟ ସରକାର ଏହି ଯୋଜନାରେ ପ୍ରଦାନ କରିଥିବା ୭୫୫.୮୩ କୋଟି ଟଙ୍କାରୁ ୩୦.୧୧.୨୦୧୬ ସୁଦ୍ଧା ସମୁଦାୟ ୬୬୬.୫୩ କୋଟି ଟଙ୍କା ବିନିଯୋଗ କରାଯାଇଅଛି । ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଆର୍ଥିକ ବ୍ୟୟ କମିଟି (Expenditure Finance Committee) ତାଙ୍କର ୧୪.୦୫.୨୦୧୫ ମିଟିଙ୍ଗ୍ ରେ କ୍ୟାପେକ୍ସ ଯୋଜନାକୁ ବନ୍ଦ କରିବା ପାଇଁ ଏବଂ ୨୦୧୪-୧୫ ଆର୍ଥିକ ବର୍ଷ ପରେ ଏହି ଯୋଜନାରେ କୌଣସି ଅର୍ଥ ପ୍ରଦାନ ନ କରିବା ପାଇଁ ସ୍ଥିର କରିଥିଲେ । ପରନ୍ତୁ, କ୍ୟାପେକ୍ସ ମନିଟରିଂ କମିଟି ବିଶ୍ଳେଷଣ କରି ଦର୍ଶାଇଥିଲେ ଯେ, କ୍ୟାପେକ୍ସ ଯୋଜନାରେ

ହୋଇଥିବା କାର୍ଯ୍ୟ ଗୁଡିକ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏହା ଯଦି ସଂପୂର୍ଣ୍ଣ କରାନଯାଏ, ତେବେ ଏହି ପ୍ରକଳ୍ପ ଗୁଡିକରୁ କୌଣସି ଆର୍ଥିକ ସୁବିଧା ମିଳିପାରିବ ନାହିଁ ଓ ପ୍ରକଳ୍ପର ଖର୍ଚ୍ଚ ବ୍ୟର୍ଥ ହେବା ହିଁ ସାର ହେବ, ତେଣୁ କ୍ୟାପେକ୍ସ୍ ପ୍ରକଳ୍ପ ଗୁଡିକର ଅବଶିଷ୍ଟ କାର୍ଯ୍ୟ ସଂପୂର୍ଣ୍ଣ କରିବା ନିହାତି ଜରୁରୀ ଅଟେ । ଏହାକୁ ବିଚାରକୁ ନେଇ ୨୦୧୬-୧୭ ସପ୍ଲିମେଣ୍ଟାରୀ ବଜେଟରେ ୧୨୨ କୋଟି ଟଙ୍କାର ଆର୍ଥିକ ପ୍ରାବଧାନ କରାଯାଇଅଛି ।

**ଶକ୍ତି ସଂରକ୍ଷଣ**

ଶକ୍ତି ସଂରକ୍ଷଣ ଅଧିନିୟମ ୨୦୦୧ ଅନୁସାରେ ରାଜ୍ୟ ସରକାର ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକଙ୍କୁ ଶକ୍ତି ସଂରକ୍ଷଣ, ପ୍ରୋତ୍ସାହନ ଓ କାର୍ଯ୍ୟକାରିତା ପାଇଁ ଏସ୍.ଡି.ଏ ଭାବେ ନିଯୁକ୍ତ କରିଛନ୍ତି । ରାଜ୍ୟ ସତ୍ତ୍ୱାଧିକାରୀ ସଂସ୍ଥା (State Designated Agency) ଶକ୍ତି ସଂରକ୍ଷଣ, ପ୍ରୋତ୍ସାହନ ଏବଂ ଶକ୍ତି ସଂରକ୍ଷଣ ଅଧିନିୟମ ୨୦୦୧ କୁ କାର୍ଯ୍ୟକାରୀ କରିବା ପାଇଁ Bureau of Energy Efficiency, କେନ୍ଦ୍ର ସରକାର, ରାଜ୍ୟ ସରକାର, ବିଭିନ୍ନ ଘରୋଇ ସଂସ୍ଥା ଏବଂ ଅନ୍ୟ ଷ୍ଟେକ୍ ହୋଲଡର୍ ମାନଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଅଛନ୍ତି ।

- ଶକ୍ତି ସଂରକ୍ଷଣ କାର୍ଯ୍ୟ ଯୋଜନା ଏବଂ ଶକ୍ତି ସମୀକ୍ଷାର ସୁପାରିଶ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୪ଟି ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ ଦ୍ୱିତୀୟ ପର୍ଯ୍ୟାୟରେ ୯ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ଶକ୍ତି ସମୀକ୍ଷା, ହାଉସିଙ୍ଗ୍ ଆଣ୍ଡ୍ ଅରବାନ୍ ଡେଭଲପମେଣ୍ଟ୍ ଡିପାର୍ଟମେଣ୍ଟ୍ ଅନ୍ତର୍ଭୁକ୍ତ ପବ୍ଲିକ୍ ହେଲଥ୍ ସହଯୋଗରେ  କାର୍ଯ୍ୟକାରି ହେଉଛି । ପୁନଶ୍ଚ ୧୩୭ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ଶକ୍ତି ସମୀକ୍ଷା କରାଯାଇ ସମ୍ଭାବ୍ୟ ଶକ୍ତି ସଞ୍ଚୟର ଆକଳନ କରାଯାଇଛି ।
- ଓଡିଶା ଉଠା ଜଳସେଚନ ନିଗମ ମାଧମରେ ରାଜ୍ୟର ପାଣି ପଞ୍ଚାୟତ ଦ୍ୱାରା ପରିଚାଳିତ ୩୭୬୩ ଟି ଉଠା ଜଳସେଚନ ପ୍ରକଳ୍ପରେ ଶକ୍ତି ଦକ୍ଷତା ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏହା ଶକ୍ତି ସଂରକ୍ଷଣ ସହିତ ଚାଷୀମାନଙ୍କର ବିଦ୍ୟୁତ୍ ଦେୟ ହ୍ରାସ କରିବାରେ ସହାୟକ ହେବ ।
- ୧୨୭ ଟି ସରକାରୀ କାର୍ଯ୍ୟାଳୟ, ସଦର ମହକୁମା ଚିକିତ୍ସାଳୟ, ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ, ୪ଟି ମହାବିଦ୍ୟାଳୟ, ୮ଟି କୃଷି ଏବଂ ଡାଏରି ସଂସ୍ଥା ଗୁଡିକରେ ଶକ୍ତି ସମୀକ୍ଷା (I.G.E.A) କରାଯାଇ

ସୁପାରିଶ ଭିତ୍ତିରେ ଏହାର ଶକ୍ତି ଦକ୍ଷତା ବୃଦ୍ଧି ନିମନ୍ତେ ଯୋଜନା ମାନ ପ୍ରସ୍ତୁତ କରାଯାଇଛି ଏବଂ ଏହି କାର୍ଯ୍ୟାନୁଷ୍ଠାନ ମାନଙ୍କରେ ଶକ୍ତି ସଂରକ୍ଷଣର ପ୍ରସାର ନିମନ୍ତେ ବିଭିନ୍ନ କର୍ମଶାଳାର ଆୟୋଜନ ମଧ୍ୟ କରାଯାଇଛି ।

- ରାଜ୍ୟର ସମସ୍ତ ପୌର ଅନୁଷ୍ଠାନ, ୧୦୫ଟି ୟୁ.ଏଲ୍.ବି ମାନଙ୍କରେ ରାସ୍ତା ଆଲୋକିକରଣ ବ୍ୟବସ୍ଥାରେ ଶକ୍ତି ଦକ୍ଷତା ବୃଦ୍ଧି ନିମନ୍ତେ ପାରମ୍ପରିକ ଲାଇଟ୍ ବଦଳରେ ଏଲ୍.ଇ.ଡି ଲାଇଟ୍ ପ୍ରଚଳନ ପାଇଁ ଭାରତ ସରକାରଙ୍କ ସଂସ୍ଥା ଇ.ଇ.ଏସ୍.ଏଲ୍ ଦ୍ୱାରା ଏକ ବ୍ୟବସାୟିକ ମଡେଲ୍ ପ୍ରସ୍ତୁତ କରାଯାଇଛି । ଯାହା ଦ୍ୱାରା ବିଦ୍ୟୁତ୍ ବିଲ୍ ର ହ୍ରାସ ଏବଂ ଏଥିରେ ବିନିଯୋଗ ପୁଞ୍ଜିର ସଦୁପଯୋଗ ହୋଇପାରିବ ।
- ଜାତୀୟ ଜନ ସଚେତନତା ଅଭିଯାନ ସ୍ୱରୂପ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ପ୍ରତିବର୍ଷ ଡିସେମ୍ବର ୧୪ ତାରିଖରେ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ସମାରୋହର ଆୟୋଜନ, ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ସେଣ୍ଟର୍ ଫର୍ ଏନଭିରନମେଣ୍ଟାଲ୍ ଷ୍ଟଡିଜ୍, ଜଙ୍ଗଲ ଏବଂ ପରିବେଶ ବିଭାଗ, ଓଡିଶା ସରକାରଙ୍କ ସହଯୋଗରେ ରାଜ୍ୟର ବିଭିନ୍ନ ବ୍ଲକ୍, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତା କରାଯାଉଅଛି । ୧୨୦ଟି ବିଦ୍ୟାଳୟରେ ଶକ୍ତି କ୍ଲବ୍ ପ୍ରତିଷ୍ଠା ଦ୍ୱାରା ଶକ୍ତି ସଂରକ୍ଷଣର ପ୍ରସାର କାର୍ଯ୍ୟକ୍ରମ ମାନ ମଧ୍ୟ ଗ୍ରହଣ କରାଯାଇଅଛି । ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ଅଭିମାନ ପାଇଁ ପ୍ରତି ବର୍ଷ ଡିସେମ୍ବର ୧୪ ତାରିଖ ଦିନ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।
- ପ୍ରତି ବର୍ଷ ଓଡିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର ମାଧ୍ୟମରେ ରାଜ୍ୟରେ କୁଶଳ ଶକ୍ତି ଉପଯୋଗ ଏବଂ ଶକ୍ତି ସଂରକ୍ଷଣ ଲାଗି ପ୍ରୋତ୍ସାହନ କରିବା ନିମନ୍ତେ ୬ଟି କ୍ଷେତ୍ରମାନଙ୍କୁ ଶକ୍ତି ଦକ୍ଷତା ଓ ଶକ୍ତି ସଂରକ୍ଷଣ ପୁରସ୍କାର ନିମନ୍ତେ ଚୟନ କରାଯାଇଛି, ଯଥା-ଏମ୍.ଏସ୍.ଏମ୍.ଇ, ଆଇଟି ଶିଳ୍ପ, ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ହୋଟେଲ ଇତ୍ୟାଦି ।

- ଓଡିଶା ଶକ୍ତି ସଂରକ୍ଷଣ ଗୃହ ଅଧିନିୟମର କାର୍ଯ୍ୟାନ୍ୱୟନ ନିମନ୍ତେ ରାଜ୍ୟସ୍ତରୀୟ ରୋଡ୍ ମ୍ୟାପ୍, ରାଜ୍ୟ ଉପଯୋଗୀ ନିୟମ ଏବଂ ଏ ଦିଗରେ ମାନବସମ୍ବଳ ଦକ୍ଷତା ଓ କୌଶଳ ବୃଦ୍ଧି ନିମନ୍ତେ ବିଭିନ୍ନ କର୍ମଶାଳାର ଆୟୋଜନ କରାଯାଉଛି ।
- ରାଷ୍ଟ୍ରୀୟ ଉତ୍ପାଦକତା ପରିଷଦ, ଭାରତ ସରକାରଙ୍କ ସହାୟତାରେ ବଏଲର୍ ଅପରେଟର ମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ନିମନ୍ତେ ଅଭ୍ୟାସ କର୍ମଶାଳାର ଆୟୋଜନ କରାଯାଇଛି ।
- ଘରୋଇ ଆଲୋକ କ୍ଷେତ୍ରରେ ଶକ୍ତି ଦକ୍ଷତା କାର୍ଯ୍ୟକ୍ରମ ଅନ୍ତର୍ଗତ ଭାରତ ସରକାରଙ୍କର ଉଜାଲା (ଉନ୍ନତ ଜ୍ୟୋତି ବାଇ ଆଫୋର୍ଡେବଲ ଏଲଇଡିସ୍ ଫର୍ ଅଲ୍) କାର୍ଯ୍ୟକ୍ରମ ଓଡିଶାରେ ଗତ ଏପ୍ରିଲ ୧୮ ତାରିଖରେ ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସମସ୍ତ ଘରୋଇ ଉପଭୋକ୍ତା ମାନଙ୍କୁ ପୂର୍ବରୁ ୮୫ଟଙ୍କା ଥିବା ୯ ୱାଟ୍ ବିଶିଷ୍ଟ ଏଲ.ଇ.ଡି ବଲବ୍, ୭୦ ଟଙ୍କା ପ୍ରତି ବଲବ୍ ମୂଲ୍ୟରେ ସର୍ବାଧିକ ୧୦ ଗୋଟି ଯୋଗାଇ ଦିଆଯିବ । ସେହିଭଳି ବ୍ୟବସାୟୀ ଉପଭୋକ୍ତା ମାନଙ୍କୁ ୨୦ଟି ଏବଂ ଅନୁଷ୍ଠାନ ମାନଙ୍କୁ ତାଙ୍କର ଲୋଡ୍ ଅନୁଯାୟୀ ଦରକାର ମୁତାବକ ଏଲ୍.ଇ.ଡି ବଲବ୍ ବିକ୍ରି କରାଯିବ । ଓଡିଶାରେ ପ୍ରାୟ ୬୦ ଲକ୍ଷ ଉପଭୋକ୍ତାମାନେ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବା ସହିତ, ସେମାନେ ଉପଭୋକ୍ତାମାନଙ୍କୁ ଏକ କୋଟି ଏଲ୍.ଇ.ଡି ବଲବ୍ ଯୋଗାଇ ଦେବାର ବ୍ୟବସ୍ଥା ରହିଅଛି । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବ୍ୟବହାର ହେଉଥିବା ସି.ଏଫ୍.ଏଲ୍ ଏବଂ ସାଧାରଣ ବଲବ୍ କୁ ବଦଳାଇ ଏଲ୍.ଇ.ଡି ବଲବର ବହୁଳ ବ୍ୟବହାର କରାଯାଇ ପାରିବ । ଏଥି ଯୋଗୁଁ ଆନୁମାନିକ ୧୮୫ ମେଗାୱାଟର ବିଦ୍ୟୁତ୍ ଶକ୍ତି ଉତ୍ପାଦନକୁ ଏଡାଇ ଦିଆଯିବା ସହିତ, ଜଳବାୟୁ ପରିବର୍ତ୍ତନକୁ ରୋକା ଯାଇପାରିବ ।
- ବର୍ତ୍ତମାନ ଉଜାଲା (ଉନ୍ନତ ଜ୍ୟୋତି ବାଇ ଆଫୋର୍ଡେବଲ ଏଲ୍ଇଡିସ୍ ଫର ଅଲ୍) କାର୍ଯ୍ୟକ୍ରମ ଜରିଆରେ ଓଡିଶାରେ ୨୦ ୱାଟ୍ ଏଲ୍.ଇ.ଡି ଟ୍ୟୁବ୍ ଲାଇଟ୍ ଓ ବି.ଇ.ଇ ଦ୍ୱାରା ୫ଟି ତାରକା ଚିହ୍ନିତ ୫୦ ୱାଟ୍ ଫ୍ୟାନ୍ ୧୯.୦୯.୨୦୧୬ ତାରିଖରେ ଶୁଭାରମ୍ଭ ହୋଇଛି । ଯଥାଶୀଘ୍ର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଇ.ଇ.ଏସ୍.ଏଲ୍ ଦ୍ୱାରା ଏହି ଉପକରଣଗୁଡିକ ବିକ୍ରି ଆରମ୍ଭ କରାଯିବ । ଜୈବିକ

ଇନ୍ଧନରୁ ବିଦ୍ୟୁତ୍ ଶକ୍ତି ଯେତେ ଉତ୍ପାଦନ କରାଯାଇ ପାରିବ, ଜଳବାୟୁ ପରିବର୍ତ୍ତନର କୁ-ପ୍ରଭାବକୁ ସେତେ ଏଡାଇ ଦିଆଯାଇପାରିବ ।

- ଏଲ୍.ଇ.ଡି ଗ୍ରାମ ଅଭିଯାନ, ପ୍ରଥମ ପର୍ଯ୍ୟାୟରେ ୨ଟି ଗ୍ରାମ ଯଥା- କଟକର ସତ୍ୟଭାମାପୁର ଓ ପୁରୀର ରଘୁରାଜପୁର ଗ୍ରାମରେ ସେସୁ ସହାୟତାରେ କାର୍ଯ୍ୟକାରି ହୋଇସାରିଛି । ଏହି ସ୍କିମ୍ ରେ ଗ୍ରାମର ପ୍ରତି ପରିବାରକୁ ୩ଟି ଲେଖାଏଁ ୧୦ ୱାଟ୍ ଏଲ୍.ଇ.ଡି ବଲବ୍ ବଣ୍ଟନ ସହିତ ୨୦ ୱାଟ୍ ଏଲ୍.ଇ.ଡି ରାସ୍ତା ଆଲୋକ ସ୍ଥାପନ ଅନ୍ତର୍ଭୁକ୍ତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୪ଟି ଗ୍ରାମ ଯଥା ନେସ୍କୋ ଦ୍ୱାରା ସରାଇ, ବରୁନ୍, ସାସଦ୍ ଏବଂ ୱେସ୍କୋ ଦ୍ୱାରା ବଦ୍ରିବନ୍ଧ ହାମଲେଟ୍ ରେ ଥିବା ବଡଗାଁ ଗ୍ରାମଟି ଚୟନ କରାଯାଇ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇଅଛି ।
- ଭାରତ ସରକାରଙ୍କ ଏକ ନୂତନ ସ୍କିମ୍ PAT (ପରଫରମାନ୍ସ ଆଚିଭ୍ ଆଣ୍ଡ ଟ୍ରେଡ୍) ନିର୍ଦ୍ଦିଷ୍ଟ କିଛି ଶିଳ୍ପ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଉଛି । ଏହି ଶିଳ୍ପ କ୍ଷେତ୍ର ଗୁଡିକ ହେଲା ଯଥା-ଆଇରନ୍ ଏବଂ ଷ୍ଟିଲ୍, ଆଲୁମିନିୟମ, ସିମେଣ୍ଟ, ପଲପ୍ ଏବଂ ପେପର୍, ଥର୍ମାଲ ପାୱାର ପ୍ଲାଣ୍ଟ, ଟେକ୍ସଟାଇଲ୍ ଇତ୍ୟାଦି । ଏହି ଶିଳ୍ପ ଅନୁଷ୍ଠାନ ଗୁଡିକ ନିଜ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଯେତେ ଶକ୍ତି କମ ଖର୍ଚ୍ଚ କରିପାରିବେ, ଏହା ମୂଲ୍ୟରେ ସେମାନେ ଏନର୍ଜି ସେଭିଙ୍ଗ୍ ସାର୍ଟିଫିକେଟସ୍ ପ୍ରାପ୍ତ କରି ବ୍ୟବସାୟ କରିପାରିବେ । ଏହି ସ୍କିମ ଯୋଗୁଁ, ପ୍ରଥମ ପର୍ଯ୍ୟାୟରେ ଓଡିଶାରେ ୨୭ଟି ଶିଳ୍ପ ସଂସ୍ଥା, ଏନର୍ଜି ଇଣ୍ଟେନସିଭ୍ ଇଣ୍ଡଷ୍ଟ୍ରିଜରେ ଅନ୍ତର୍ଭୁକ୍ତ ହୋଇଛନ୍ତି (୨୦୧୨-୨୦୧୫) । ଏହାର ଦ୍ୱିତୀୟ ପର୍ଯ୍ୟାୟ ୨୦୧୬ରେ ସମୁଦାୟ ୩୪ଟି ଶିଳ୍ପ ଉଦ୍ୟୋଗୀମାନଙ୍କୁ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଶିଳ୍ପ ଉଦ୍ୟୋଗ ଗୁଡିକ ଏନର୍ଜି କଞ୍ଜରଭେଶନ୍ ଆକ୍ଟ୍ ୨୦୦୧ ଧାରା ଅନୁସାରେ ଏହି ସ୍କିମ୍ ରେ ଅନ୍ତର୍ଗତ ହେବାପାଇଁ ବାଧ୍ୟ ଅଟନ୍ତି ।
- ଶକ୍ତି ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ଓମଫେଡ୍ ଭୁବନେଶ୍ୱର ଡାଏରି ସଂସ୍ଥାର ଶକ୍ତି ସମୀକ୍ଷା କରାଯାଇ, ଏହି ପ୍ରକଳ୍ପର ଶକ୍ତି ଦକ୍ଷତା ବୃଦ୍ଧି ପାଇଁ ୧ କୋଟି ଟଙ୍କା ଓମଫେଡ୍ କୁ ଦିଆଯାଇଛି ।
- ବିଦ୍ୟାଳୟ ପିଲାମାନଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣ ସମ୍ବନ୍ଧରେ ସଚେତନତା ପ୍ରସାର ଲାଗି ଶକ୍ତି ସଂରକ୍ଷଣ ସହିତ ଜଡିତ ବିଭିନ୍ନ ବିଷୟରେ ଲିଖିତ ପ୍ରଶ୍ନୋତ୍ତର, ଚିତ୍ରାଙ୍କନ ଓ ସ୍ଲୋଗାନ୍ ଲିଖନ ପ୍ରତିଯୋଗିତା

ଇତ୍ୟାଦି କଟକର ବାଲିଯାତ୍ରା ରେ ୭ ଦିନ ପାଇଁ ଆୟୋଜନ କରାଯାଇଥିଲା । ଶକ୍ତି ସଂରକ୍ଷଣ ସମ୍ବନ୍ଧରେ କ୍ଷୁଦ୍ର ଚଳଚ୍ଚିତ୍ର ଓ ଶକ୍ତି ସଂରକ୍ଷଣ ଆକଳନ ପାଇଁ ଉପକରଣ ଗୁଡିକୁ ଦର୍ଶକମାନଙ୍କୁ ଦେଖାଇ ସଚେତନ କରାଯାଇଥିଲା ।

- ରାଜ୍ୟର ଶିକ୍ଷାନୁଷ୍ଠାନ ମାନଙ୍କରେ ଶକ୍ତି ଦକ୍ଷତାର ବୃଦ୍ଧି, ସ୍ୱତନ୍ତ୍ର ଶକ୍ତି ସଂରକ୍ଷଣ ପାଣ୍ଠି ଦ୍ୱାରା ରାଜ୍ୟରେ ବିଭିନ୍ନ ଶକ୍ତି ସଂରକ୍ଷଣ ପ୍ରକଳ୍ପ ଗୁଡିକରେ ଉଦାହରଣମୂଳକ ଆର୍ଥିକ ସହାୟତା, ତାରକା ଚିହ୍ନିତ ଏବଂ ଶକ୍ତି ଦକ୍ଷତା ବିଦ୍ୟୁତ୍ ଉପକରଣ ବ୍ୟବହାର ପାଇଁ କାର୍ଯ୍ୟାନ୍ୱୟନ, ରାଜ୍ୟରେ ପି.ଏ.ଟି ଯୋଜନାର କାର୍ଯ୍ୟାନ୍ୱୟନ, ଏଲ୍.ଇ.ଡି ରାସ୍ତା ଆଲୋକ ପ୍ରକଳ୍ପ ଏବଂ ରାଜ୍ୟରେ ଜନ ସଚେତନତା ନିମନ୍ତେ ବିଭିନ୍ନ ଖବରକାଗଜ ଏବଂ ଇଲୋକ୍ଟ୍ରୋନିକ୍ ଗଣମାଧ୍ୟମରେ ଶକ୍ତି ସଂରକ୍ଷଣର ପ୍ରସାର ଅଭିଯାନ ଇତ୍ୟାଦି ନିମନ୍ତେ ପଦକ୍ଷେପମାନ ଗ୍ରହଣ କରାଯାଉଅଛି । ରାଜ୍ୟ ସରକାର ଏହି ଯୋଜନାରେ, ୨୦୧୬-୧୭ ଆର୍ଥିକ ବର୍ଷରେ ୫ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ।

**ହସ୍ତୀ ଅଳିନ୍ଦ ପାଇଁ ନିରାପତ୍ତା ବ୍ୟବସ୍ଥାର ଉନ୍ନତୀକରଣ**

ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଉଥିବା ହାତୀ ତଥା ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କର ନିରାପତ୍ତାପାଇଁ ଏହି ଅଞ୍ଚଳରେ ଥିବା ବିଜୁଳି ଭିତ୍ତିଭୂମିର ବିକାଶ ନିମନ୍ତେ ରାଜ୍ୟ ସରକାର ବିଜୁଳି ବିତରଣ କମ୍ପାନୀମାନଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୧୧ଟି କରିଡର୍ ମଧ୍ୟରୁ ୯ଟିରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି କରିଡର୍ ମଧ୍ୟରୁ ୯ଟିରେ କାର୍ଯ୍ୟ ସମାପ୍ତ ହୋଇଛି । ବାକିଥିବା ଅନ୍ୟ କରିଡର୍ ସହିତ ତୃତୀୟ ପର୍ଯ୍ୟାୟରେ ନିଆଯାଉଥିବା ୧୪ଗୋଟି କରିଡରରେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ ଚାଲୁ ରହିଛି ।

ଏହି ପ୍ରକଳ୍ପର ଗୁରୁତ୍ୱ ଅନୁଭବ କରି ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୧୫-୧୬ ବଜେଟରେ ଏହି ଯୋଜନାରେ ୨୭.୧୭ କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ । ଆର୍ଥିକ ବର୍ଷ ୨୦୧୬-୧୭ ରେ ଏହି ଯୋଜନାରେ ୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଚାଲୁରହିଛି ।

**ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଥିବା ଟ୍ରାନ୍ସଫରମର୍ ଗୁଡିକର ସ୍ଥାନାନ୍ତରୀକରଣ**

ସ୍କୁଲ ଓ ଅଙ୍ଗନୱାଡି ଇତ୍ୟାଦି ସର୍ବସାଧାରଣ ଅନୁଷ୍ଠାନ ମାନଙ୍କରେ ଥିବା ଟ୍ରାନ୍ସଫରମର ଗୁଡିକପାଇଁ ବିଦ୍ୟୁତ୍ ଦୁର୍ଘଟଣା ବୃଦ୍ଧି ପାଉଥିବାରୁ ଜନସାଧାରଣ ମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସେଠାରେ ଥିବା ଟ୍ରାନ୍ସଫରମର ଗୁଡିକୁ ସ୍ଥାନାନ୍ତର କରିବା ନିମନ୍ତେ ସ୍ଥିର କରିଛନ୍ତି । ନଭେମ୍ବର ୨୦୧୬ ମସିହା ସୁଦ୍ଧା ୫୧୬୨ ଟି ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୪୮୧୬ ଟିରେ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି । ବାକିଥିବା ଅନ୍ୟାନ୍ୟ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ଟ୍ରାନ୍ସଫରମର୍ ସ୍ଥାନାନ୍ତରୀକରଣ କାର୍ଯ୍ୟ ଚାଲୁରହିଛି ।

ଏହି ଯୋଜନାରେ ଆର୍ଥିକ ବର୍ଷ ୨୦୧୫-୧୬ ପରି ଆର୍ଥିକ ବର୍ଷ ୨୦୧୬-୧୭ ରେ ମଧ୍ୟ ୫୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଚାଲୁରହିଛି ।

## ନବକଳେବର

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ୨୦୧୫ ମସିହା ନବକଳେବର ସମୟରେ ବିଦ୍ୟୁତ୍ ଶକ୍ତି ଉପରେ ସମ୍ଭାବ୍ୟ ଚାପକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଦ୍ୟୁତ୍ ଶକ୍ତି ବିତରଣ ତଥା ଭିତ୍ତିଭୂମିର ବିକାଶ ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିଥିଲେ । ଏଥି ନିମନ୍ତେ ପୁରୀ ମନ୍ଦିର ଓ ତାର ସଂଲଗ୍ନ ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ବିତରଣ କମ୍ପାନୀ ଓ.ପି.ଟି.ସି.ଏଲ୍ ଏବଂ ସେସୁଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଉକ୍ତ ବ୍ୟବସ୍ଥାର କାର୍ଯ୍ୟକାରିତା ପାଇଁ ଆର୍ଥିକ ବର୍ଷ ୨୦୧୩-୧୪ ରେ ୮୫.୦୦ କୋଟି ଟଙ୍କା, ଆର୍ଥିକ ବର୍ଷ ୨୦୧୪-୧୫ ରେ ୬୭.୦୯ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ ଉକ୍ତ ଅର୍ଥର ବିନିଯୋଗ କରାଯାଇଅଛି । ଆର୍ଥିକ ବର୍ଷ ୨୦୧୬-୧୭ ରେ ଏହି ଯୋଜନାରେ ୧୦୦୦ ଟଙ୍କାର ଟୋକନ ବ୍ୟବସ୍ଥା କରାଯାଇଛି ।

## ରାଜ୍ୟର ପ୍ରମୂଖ ଅଞ୍ଚଳ ଗୁଡିକରେ ଭୂତଳ ବିଦ୍ୟୁତିକରଣ ବ୍ୟବସ୍ଥା

୨୦୧୧-୧୨ ବର୍ଷରେ ପୁରୀ ବଡଦାଣ୍ଡ ଓ ଶ୍ରୀ ଜଗନ୍ନାଥ ମନ୍ଦିର ପାର୍ଶ୍ୱସ୍ଥ ଅଞ୍ଚଳରେ ଭୂତଳ ବିଦ୍ୟୁତିକରଣ ନିମନ୍ତେ, ରାଜ୍ୟ ସରକାର ସେସୁକୁ ଦାୟୀତ୍ୱ ଅର୍ପଣ କରିଥିଲେ । ପରେ ପରେ ଲିଙ୍ଗରାଜ ମନ୍ଦିର ରଥଦାଣ୍ଡ ଅଞ୍ଚଳରେ ତଥା କୋଣାର୍କ ଅଞ୍ଚଳରେ ଭୂତଳ ବିଦ୍ୟୁତିକରଣ ପାଇଁ ମଧ୍ୟ ସେସୁକୁ ଦାୟୀତ୍ୱ ଦିଆଯାଇଥିଲା । ଅଧୁନା ଉକ୍ତ ଅଞ୍ଚଳରେ କାର୍ଯ୍ୟ ସମାପ୍ତ ହୋଇ ଲୋକାର୍ପିତ ହୋଇଅଛି ।

ସେହିପରି ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀ ମନ୍ଦିର ଅଞ୍ଚଳରେ ତଥା ବାରିପଦା ରଥ ଦାଣ୍ଡ ଅଞ୍ଚଳରେ ଭୂତଳ ବିଦ୍ୟୁତିକରଣ ପାଇଁ ଯଥାକ୍ରମେ ୱେସ୍କୋ ଓ ନେସ୍କୋକୁ ଦାୟୀତ୍ୱ ଦିଆଯାଇଥିଲା । ଅଦ୍ୟାବଧି ମା' ସମଲେଶ୍ୱରୀ ମନ୍ଦିର ଅଞ୍ଚଳରେ ୭୦ ପ୍ରତିଶତ କାର୍ଯ୍ୟ ସମାପ୍ତ ହୋଇ ବାକି କାର୍ଯ୍ୟ ଚାଲୁରହିଛି ଏବଂ ବାରିପଦା ରଥ ଦାଣ୍ଡ ଅଞ୍ଚଳରେ ନଭେମ୍ବର, ୨୦୧୬ ସୁଦ୍ଧା ୧ କିଲୋମିଟର ୧୧ କେ.ଭି ଲାଇନ ଓ ୦.୮ କି.ମି ଏଲ୍.ଟି ଭୂତଳ ବିଦ୍ୟୁତ ଲାଇନ ବିଛାଯାଇ ବାକି କାର୍ଯ୍ୟ ଚାଲୁରହିଛି ।

ଏଥିପାଇଁ ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୧୫-୧୬ ରେ ୧ କୋଟି ଏବଂ ୨୦୧୬-୧୭ ରେ ୨ କୋଟି ଟଙ୍କା ପ୍ରଦାନ କରିଛନ୍ତି ।

**କୃଷି ଓ ମତ୍ସ୍ୟ ସମ୍ପଦ ବିଭାଗ ପାଇଁ ସ୍ୱତନ୍ତ୍ର ଫିଡର୍ ର ପ୍ରଚଳନ**

କୃଷି ଓ ମତ୍ସ୍ୟ ସମ୍ପଦ ତଥା ଏଥି ସହିତ ସଂପୃକ୍ତ ଅନ୍ୟାନ୍ୟ କ୍ଷେତ୍ର ଯଥା ଶୀତଳୀକରଣ, ଖାଦ୍ୟ ପ୍ରକ୍ରିୟାକରଣ, ମତ୍ସ୍ୟ ଓ ଚିଙ୍ଗୁଡି ଇତ୍ୟାଦିର ପରିଷ୍କାର ଓ ସଂରକ୍ଷଣ ଇତ୍ୟାଦିରେ ବ୍ୟବହୃତ ବିଜୁଳି ଶକ୍ତିର ଚାହିଦା ବୃଦ୍ଧି ପାଉଥିବାରୁ କଳକାରଖାନା ଓ ଦୈନନ୍ଦିନ ଜୀବନରେ ବ୍ୟବହୃତ ପ୍ରମୁଖ ବିଦ୍ୟୁତ୍ କ୍ଷେତ୍ର ଉପରେ ଚାପ ବୃଦ୍ଧି ପାଉଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କୃଷି ଓ ମତ୍ସ୍ୟ ସଂପଦ ପାଇଁ ଏକ ସ୍ୱତନ୍ତ୍ର ଫିଡର୍ ର ପ୍ରଚଳନ ନିମନ୍ତେ ବ୍ୟବସ୍ଥା କରି ୨୦୧୩-୧୪ ଆର୍ଥିକ ବର୍ଷରେ ୧୦୧.୦୦ କୋଟି ଟଙ୍କା, ୨୦୧୪-୧୫ ଆର୍ଥିକ ବର୍ଷରେ ୬୭ କୋଟି ଟଙ୍କା ଏବଂ ଆର୍ଥିକ ବର୍ଷ ୨୦୧୫-୧୬ ରେ ୧ ଲକ୍ଷ ଟଙ୍କାର ଟୋକନ୍ ବ୍ୟବସ୍ଥା କରିଥିଲେ । ଆର୍ଥିକ ବର୍ଷ ୨୦୧୬-୧୭ ରେ ଏହି ଯୋଜନାରେ ୧୦୦୦ ଟଙ୍କାର ଟୋକନ୍ ବ୍ୟବସ୍ଥା କରାଯାଇଛି ।

**ଅଲ୍ଟ୍ରା ମେଗା ପାୱାର ପ୍ରୋଜେକ୍ଟ୍ , (Ultra Mega Power Project) ବେଡାବାହାଲ**

ରାଜ୍ୟ ସରକାରଙ୍କର ଅଂଶଧନ ନିୟୋଜନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟରେ ସୁନ୍ଦରଗଡ ଜିଲ୍ଲା ଅନ୍ତର୍ଗତ ବେଡାବାହାଲଠାରେ ଏକ ଅଲ୍ଟ୍ରା ମେଗା ପାୱାର ପ୍ରୋଜେକ୍ଟ୍ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା କରାଯାଇଅଛି । ଏହି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ରାଜ୍ୟ ସରକାର ୨୦୧୩-୧୪ ବଜେଟରେ ୨୩୩ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିଲେ । ଆର୍ଥିକ ବର୍ଷ ୨୦୧୪-୧୫ ରେ ଏହି ଯୋଜନାରେ ୫୫.୪୧ କୋଟି ଟଙ୍କା ଏବଂ ଆର୍ଥିକ

ବର୍ଷ ୨୦୧୫-୧୬ ରେ ଏହି ଯୋଜନାରେ ୪୮.୭୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । ଆର୍ଥିକ ବର୍ଷ ୨୦୧୬-୧୭ ରେ ଏହି ଯୋଜନାରେ ୧୦୦୦ ଟଙ୍କାର ଟୋକନ୍ ବ୍ୟବସ୍ଥା ରଖାଯାଇଛି ।

**<u>ଦୁର୍ଗମ ଅଞ୍ଚଳରେ ବିଦ୍ୟୁତିକରଣ ନିମନ୍ତେ ରାଜ୍ୟର ଅଂଶଧନ ବିନିଯୋଗ</u>**

ରାଜ୍ୟର ପାର୍ବତ୍ୟ ଅଞ୍ଚଳ ତଥା ବିଦ୍ୟୁତ୍ ପହଞ୍ଚି ନଥିବା ପଛୁଆ ଜିଲ୍ଲାଗୁଡିକୁ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ୨୦୧୧-୧୨ ବର୍ଷ ଠାରୁ ଏକ ପାଞ୍ଚ ବର୍ଷିଆ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହି ଯୋଜନା ବାବଦରେ ବର୍ଷକୁ ୬୦ କୋଟି ଟଙ୍କା ହିସାବରେ ସମୁଦାୟ ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବାର ବ୍ୟବସ୍ଥା ହୋଇଛି । ଏହି ଯୋଜନାରେ ୨୦୧୧-୧୨ ବର୍ଷ ପାଇଁ ୪୩ କୋଟି ଟଙ୍କା ଏବଂ ୨୦୧୨-୧୩ ବର୍ଷ, ୨୦୧୩-୧୪ ବର୍ଷ ଓ ୨୦୧୪-୧୫ ବର୍ଷ ପାଇଁ ୫୦ କୋଟି ଟଙ୍କା ଲେଖାଏଁ ବ୍ୟୟ ବରାଦ କରାଯାଇ ଓପିଟିସିଏଲ୍ କୁ ଯୋଗାଇ ଦିଆଯାଇଥିଲା । ଆର୍ଥିକ ବର୍ଷ ୨୦୧୫-୧୬ ବଜେଟରେ ଏହି ଯୋଜନାରେ ୫୭ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା । ଏହି ଯୋଜନାରେ କାର୍ଯ୍ୟ ଚାଲୁ ରଖିବାପାଇଁ ଆର୍ଥିକ ବର୍ଷ ୨୦୧୬-୧୭ ରେ ଆଉ ୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**<u>OHPC ରେ ଅଂଶଧନ ବିନିଯୋଗ (Equity Infusion to OHPC</u>**

ଶକ୍ତି ଉତ୍ପାଦନ କ୍ଷେତ୍ରରେ ରାଜ୍ୟକୁ ସ୍ୱାବଲମ୍ବୀ କରିବା ପାଇଁ ଜଳ ବିଦ୍ୟୁତ୍ ଓ ତାପଜ ବିଦ୍ୟୁତ୍ ଶକ୍ତି ବ୍ୟତୀତ ଅଧୁନା ସୌରଶକ୍ତି ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଭାରତ ସରକାରଙ୍କର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ଏହାର ସୌର ଶକ୍ତି ନିଗମ (SECI) ମାଧ୍ୟମରେ ୭୫୦ MW ସୌର ଶକ୍ତି ପ୍ରକଳ୍ପର ବିକାଶ ପାଇଁ ସ୍ଥିର କରିଛନ୍ତି । ତଦନୁଯାୟୀ ବୌଦ୍ଧ ଜିଲ୍ଲାର ମନମୁଣ୍ଡା ଠାରେ ୪୮ କୋଟି ଟଙ୍କା VGF support ମାଧ୍ୟମରେ ୨୦ MW ସୌର ଶକ୍ତି ପ୍ରକଳ୍ପର ପ୍ରତିଷ୍ଠା କରାଯାଇଛି ।ଚୁକ୍ତି ମୁତାବକ ଏହି ପ୍ରକଳ୍ପରୁ ଉତ୍ପାଦିତ ଶକ୍ତି ୟୁନିଟ୍ ପିଛା ୫ ଟଙ୍କା ୪୫ ପଇସା ହିସାବରେ SECI ଦ୍ୱାରା ଆହରଣ କରାଯିବ । OHPC ଅଧିନରେ ଶତ ପ୍ରତିଶତ ଅଂଶଧନରେ କାର୍ଯ୍ୟ କରୁଥିବା ଓଡିଶା ସବୁଜ ଶକ୍ତି ଉନ୍ନୟନ ନିଗମ GEDCOL (Green Energy Development Corporation) କୁ ଏହି ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ଏହା ବ୍ୟତୀତ ଅନ୍ୟାନ୍ୟ ସବୁଜ ଶକ୍ତି ଉତ୍ସର ବିକାଶ ଏବଂ ବ୍ୟବସାୟିକ ଦୃଷ୍ଟିକୋଣରୁ ଏହାର ଉନ୍ନତି ପାଇଁ ଗୁରୁତ୍ୱ ଦିଆଯାଉଛି ।

ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ GEDCOL ମାଧ୍ୟମରେ ଏହିପରି ଅଧିକ ସୌର ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ଓ ସେଗୁଡିକର ବିକାଶ ପାଇଁ ସ୍ଥିର କରାଯାଇଛି ।

ଆର୍ଥିକ ବର୍ଷ ୨୦୧୫-୧୬ ରେ ଏହି ଯୋଜନାରେ ରାଜ୍ୟ ସରକାରଙ୍କ ଦ୍ୱାରା ୨୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । ଆର୍ଥିକ ବର୍ଷ ୨୦୧୬-୧୭ ବଜେଟରେ ୩୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଚାଲୁରହିଛି ।

**<u>ଭିତ୍ତିଭୂମିର ବିକାଶ ନିମନ୍ତେ GEDCOLକୁସହାୟତା</u>**

(Infrastructure Assistance to GEDCOL)

ରାଜ୍ୟରେ ଅଣପାରମ୍ପରିକ ଉତ୍ସରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନକୁ ପ୍ରୋତ୍ସାହନ ଦେବା ନିମନ୍ତେ ରାଜ୍ୟ ସରକାର Green Energy Development CorporationLtd. (GEDCOL) ନାମକ ଏକ ନୂତନ ସଂସ୍ଥା ପ୍ରତିଷ୍ଠା କରିଛନ୍ତି, ଯାହାକି ଓଡିଶା ଜଳ ବିଦ୍ୟୁତ୍ ନିଗମର ଏକ ଶତ ପ୍ରତିଶତ ଅଂଶବିଶେଷ ଅଟେ।

ଏହି ସଂସ୍ଥା ଜରିଆରେ ରାଜ୍ୟରେ ସୌର ଶକ୍ତି ଏବଂ ଅନ୍ୟାନ୍ୟ ବୈକଳ୍ପିକ ଶକ୍ତିର ଉତ୍ପାଦନ ନିମନ୍ତେ ଉଦ୍ୟମ କରାଯିବ । ଏହାଦ୍ୱାରା ରାଜ୍ୟରେ ଅଣପାରମ୍ପରିକ ଉପାୟରେ ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ । ଅଣପାରମ୍ପାରିକ ଶକ୍ତିର ବିକାଶ ପାଇଁ ରାଜ୍ୟ ସରକାର GEDCOL କୁ ସହାୟତା ପ୍ରଦାନ ନିମନ୍ତେ ଏହି ଯୋଜନାରେ ଗତ ଆର୍ଥିକ ବର୍ଷ ୨୦୧୫-୧୬ ପରି, ଆର୍ଥିକ ବର୍ଷ ୨୦୧୬-୧୭ ରେ ମଧ୍ୟ ୧୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ।

**<u>ବୈଦୁତିକ ଭିତ୍ତିଭୂମିର ଭୌଗଳିକ ସ୍ଥିତି ସର୍ବେକ୍ଷଣ</u>**

ଆବଶ୍ୟକତା ଅନୁଯାୟୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ଆଗାମୀ ପ୍ରକଳ୍ପ ଗୁଡିକରେ ଭୌଗଳିକ ସ୍ଥିତି ସର୍ବେକ୍ଷଣ (GPS Survey) ନିମନ୍ତେ ରାଜ୍ୟସରକାର ଗୁରୁତ୍ୱ ଦେଉଛନ୍ତି । ଆର୍ଥିକ ବର୍ଷ ୨୦୧୫-୧୬ ରେ ଏହି ଯୋଜନାରେ ୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ କାର୍ଯ୍ୟକାରୀ ସଂସ୍ଥା ଓ.ପି.ଟି.ସି.ଏଲ୍ କୁ ଯୋଗାଇ ଦିଆଯାଇଥିଲା । ଆର୍ଥିକ ବର୍ଷ ୨୦୧୬-୧୭ ବଜେଟରେ ଏହି ଯୋଜନାରେ ୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଚାଲୁରହିଛି ।

**ମାନ ନିର୍ଦ୍ଧାରଣ ପରୀକ୍ଷାଗାର (Standard Testing Laboratory)**

ମାନ ନିର୍ଦ୍ଧାରଣ ପରୀକ୍ଷାଗାର ଏକ ତୃତୀୟ ପକ୍ଷ ପରୀକ୍ଷାଗାର ରାଜ୍ୟ ଶକ୍ତି ବିଭାଗ ଅଧୀନରେ ଭୁବନେଶ୍ୱର ଠାରେ କାର୍ଯ୍ୟ କରୁଅଛି । ଏହି ପରୀକ୍ଷାଗାର ମାଧ୍ୟମରେ ବିଭିନ୍ନ ବୈଦ୍ୟୁତିକ ଉପକରଣମାନଙ୍କର ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଓ ମାନ (Testing Calibration)ନିର୍ଦ୍ଧାରଣ କରାଯାଏ । ଉକ୍ତ ସଂସ୍ଥାର ନୂତନ କାର୍ଯ୍ୟାଳୟ ଗୃହ, ରାଜ୍ୟ ସରକାରଙ୍କ ପ୍ରଦତ୍ତ ଅର୍ଥରେ ନିର୍ମାଣ କରାଯାଇଛି । ଏହି ପରୀକ୍ଷାଗାରକୁ ଅଧିକ ଦକ୍ଷ ତଥା ଜ୍ଞାନ କୌଶଳଯୁକ୍ତ କରିବା ପାଇଁ ବିଭିନ୍ନ ଯନ୍ତ୍ରପାତି କ୍ରୟ ନିମନ୍ତେ ସରକାର ଆର୍ଥିକ ବ୍ୟୟବରାଦ କରିଆସୁଛନ୍ତି । ଆର୍ଥିକ ବର୍ଷ ୨୦୧୫-୧୬ ରେ ଏହି ଯୋଜନାରେ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ୨୦୧୬-୧୭ ଆର୍ଥିକ ବର୍ଷରେ ଏହି ଯୋଜନାରେ ୫୦.୯୯ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

**ଓଡିଶା ବିଦ୍ୟୁତ ପରିବହନ ବ୍ୟବସ୍ଥାର ବିକାଶ (Odisha Transmission System Improvement Project)**

ଜାପାନ ଆର୍ନ୍ତଜାତିକ ସମବାୟ ସଂସ୍ଥା “Japan International Co-operation Agency”(JICA) ସହଯୋଗରେ ବିଦ୍ୟୁତ୍ ପରିବହନ ବ୍ୟବସ୍ଥାର ବିକାଶ ପାଇଁ ରାଜ୍ୟ ସରକାର କାର୍ଯ୍ୟକାରୀ ସଂସ୍ଥା OPTCL କୁ ଦାୟୀତ୍ୱ ନ୍ୟସ୍ତ କରିଛନ୍ତି । ୧୨୮୯.୦୮ କୋଟି ଟଙ୍କାର ଏହି ପ୍ରକଳ୍ପରେ ରାଜ୍ୟର ଅଂଶଧନ ବାବଦରେ ୧୪୨.୩୨ କୋଟି ଟଙ୍କା ବିନିଯୋଗ କରାଯିବ । ଏହି ଯୋଜନା ୨୦୧୬ ରୁ ୨୦୨୦ ମଧ୍ୟରେ କାର୍ଯ୍ୟକାରୀ ହେବାର ଅଛି । ବିଦ୍ୟୁତ୍ ପରିବହନ ଜନିତ କ୍ଷତି ହ୍ରାସ କରି ରାଜ୍ୟରେ ଉତ୍ପାଦିତ ବିଦ୍ୟୁତ୍ ଶକ୍ତି ଉପରୁ ଚାପ କମ୍ କରିବାପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଏହି ଯୋଜନା ମାଧ୍ୟମରେ, ରାଜ୍ୟରେ ବିଦ୍ୟୁତ୍ ପରିବହନ ନେଟଓ୍ୱର୍କର ପୂନର୍ବିନ୍ୟାସ ନିମନ୍ତେ ବ୍ୟବସ୍ଥା କରାଯାଇଛି ।

ଆର୍ଥିକ ବର୍ଷ ୨୦୧୬-୧୭ ରେ ଏହି ଯୋଜନାରେ ସରକାର ୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ।

**ଦୀନ ଦୟାଲ୍ ଉପାଧ୍ୟାୟ ଗ୍ରାମ୍ ଜ୍ୟୋତି ଯୋଜନା – Deen Dayal Upadhyay Gram Jyoti Yojana (DDUGJY)**

ଗ୍ରାମାଞ୍ଚଳରେ ବିଜୁଳି ଶକ୍ତିର ପ୍ରସାର ପାଇଁ ବଣ୍ଟନ ଓ ବିତରଣ କ୍ଷେତ୍ରରେ ଉନ୍ନତି ଆଣିବା ସହ କୃଷି କ୍ଷେତ୍ର ଓ ଅଣ କୃଷି କ୍ଷେତ୍ରରେ ପୃଥକ୍ ପୃଥକ୍ ଫିଡର୍ ପ୍ରଚଳନ କରି ବିଜୁଳି ବିତରଣକୁ ଅଧିକ ସୁପରିଚାଳନା କରିବାପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଦୀନ ଦୟାଲ୍ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା ପ୍ରଣୟନ କରାଯାଇଛି । ଏହି ଯୋଜନା ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନାକୁ ଏହାର ଅଂଶ ରୂପେ ଗ୍ରହଣ କରିଛି । ଆର୍ଥିକ ବର୍ଷ ୨୦୧୬-୧୭ ରେ ରାଜ୍ୟ ସରକାରଙ୍କ ତରଫରୁ ଏହି ଯୋଜନାରେ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଚାଲୁ ରହିଛି ।

**ଇଣ୍ଟିଗ୍ରେଟେଡ୍ ପାୱାର ଡେଭଲପମେଣ୍ଟ ସ୍କିମ୍**

Integrated Power Development Scheme (IPDS)

ରାଜ୍ୟର ସହରାଞ୍ଚଳରେ ବିଜୁଳି ଶକ୍ତିର ପ୍ରସାର ପାଇଁ ବିତରଣ କ୍ଷେତ୍ରରେ କ୍ଷତି କମାଇବା ସହ ବିଜୁଳି ଭିତ୍ତିଭୂମିର ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ଇଣ୍ଟିଗ୍ରେଟେଡ୍ ପାୱାର୍ ଡେଭଲପମେଣ୍ଟ ସ୍କିମ୍ ର ପ୍ରଣୟନ କରାଯାଇଛି । ସୂଚନା ପ୍ରଯୁକ୍ତି ତଥା ଅନ୍ୟାନ୍ୟ ଉନ୍ନତ ଜ୍ଞାନ କୌଶଳ ବ୍ୟବହାର ପୂର୍ବକ ବିତରଣ କମ୍ପାନୀ ଗୁଡିକୁ ଆର୍ଥିକ ସହାୟତା ପ୍ରଦାନ କରି ବିଜୁଳି ଭିତ୍ତିଭୂମିର ବିକାଶ ପାଇଁ ଏହି ଯୋଜନା ଉଦ୍ଦିଷ୍ଟ IRoof-Top Solar Project ଏବଂ  Solar Panel ର ପ୍ରତିଷ୍ଠା ତଥା Smart Net Metering ଇତ୍ୟାଦି ଏହି ଯୋଜନାର ଅଂଶ ବିଶେଷ । ଆର୍ଥିକ ବର୍ଷ ୨୦୧୬-୧୭ ରେ ରାଜ୍ୟ ସରକାରଙ୍କ ତରଫରୁ ଏହି ଯୋଜନାରେ ୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଚାଲୁ ରହିଛି ।

**ରାଜ୍ୟ ରାଜଧାନୀ ଅଞ୍ଚଳ ବିଦ୍ୟୁତ୍ ବ୍ୟବସ୍ଥା ଉନ୍ନତିକରଣ**

ରାଜ୍ୟ ରାଜଧାନୀ ଏବଂ ଦ୍ୱୈତ ନଗରୀ (କଟକ-ଭୁବନେଶ୍ୱର)  ସଂଲଗ୍ନ ଅଞ୍ଚଳର ଦୃଢ ସହରୀକରଣ ଧାରାକୁ ଦୃଷ୍ଟିରେ ରଖି ତଥା ଭବିଷ୍ୟତରେ ଏହି ଅଞ୍ଚଳର ଜନସାଧାରଣମାନଙ୍କୁ ଉନ୍ନତମାନର ନିରବଚ୍ଛିନ୍ନ (24x7)ବିଦ୍ୟୁତ୍ ଶକ୍ତି ପ୍ରଦାନ କରିବା ନିମନ୍ତେ ରାଜ୍ୟ ସରକାରଙ୍କର ଶକ୍ତି ବିଭାଗ ରାଜ୍ୟ ରାଜଧାନୀ ଅଞ୍ଚଳ ବିଦ୍ୟୁତ୍ ବ୍ୟବସ୍ଥା ଉନ୍ନତିକରଣ State Capital Region Improvement Power System (SCRIPS)

ନାମରେ ଏକ ଯୋଜନାର ପରିକଳ୍ପନା କରିଛନ୍ତି । ଆର୍ଥିକ ବର୍ଷ ୨୦୧୬-୧୭ରେ ଏହି ଦୀର୍ଘ ସୂତ୍ରୀ ଯୋଜନାରେ ୧୮୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ ୩୦.୧୧.୨୦୧୬ ସୁଦ୍ଧା ୧୬୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଆର୍ଥିକ ବର୍ଷ ୨୦୧୬-୧୭ରେ ଏହି ଯୋଜନାରେ ୧୮୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

**<u>ସ୍ମାର୍ଟ ଗ୍ରୀଡ୍ (SMART GRID)</u>**

ଗ୍ରାହକମାନଙ୍କୁ ଉନ୍ନତମାନର ନିରବଚ୍ଛିନ୍ନ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ନିମନ୍ତେ ରାଜ୍ୟରେ ଉନ୍ନତମାନର ଜ୍ଞାନ କୌଶଳ ବ୍ୟବହାର କରି ବିଦ୍ୟୁତ୍ ଭିତ୍ତିଭୂମିର ପ୍ରସାର ଏବଂ ଉନ୍ନତିକରଣ ନିମନ୍ତେ ସରକାର ଏହି ସ୍ୱତନ୍ତ୍ର ଦୀର୍ଘସୂତ୍ରୀ ଯୋଜନା (Smart Grid) ପ୍ରଚଳନ କରିଛନ୍ତି । GIS,  SCADA, OPGW ଏବଂ AMI ଇତ୍ୟାଦି ଉନ୍ନତ କୌଶଳମାନ ଏହି ଯୋଜନାର ଅନ୍ତର୍ଗତ । ଏହି ଯୋଜନା ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ Grid ଗୁଡିକର ଉନ୍ନତିକରଣ କରାଯିବା ସଂଗେ ସଂଗେ ନିରବଚ୍ଛିନ୍ନ (24x7)ବିଦ୍ୟୁତ୍ ଶକ୍ତି ମିଳିପାରିବ ।ଆର୍ଥିକ ବର୍ଷ ୨୦୧୬-୧୭ରେ ଏହି ଯୋଜନାରେ ୮୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଚାଲୁ ରହିଛି ।

ଏହା ବ୍ୟତୀତ ବୈଦ୍ୟୁତିକ ଭିତ୍ତିଭୂମିର ବିକାଶ ତଥା ପ୍ରାକୃତିକ ବିପର୍ଯ୍ୟୟ (ବନ୍ୟା ଓ ବାତ୍ୟା)  ସମୟରେ ବିଜୁଳି ଶକ୍ତିର ଉପଲବ୍ଧି ପାଇଁ କେତେଗୁଡିଏ ପ୍ରତିକାରାତ୍ମକ ଯୋଜନା ହାତକୁ ନିଆଯାଇଛି । ତଦନୁଯାୟୀ ଆର୍ଥିକ ବର୍ଷ ୨୦୧୬-୧୭ ବଜେଟରେ **ରେଡିୟାଲ୍ ଟୁ ରିଙ୍ଗ୍ କନଭର୍ସନ୍ (Radial to Ring Conversion Project)** ଯୋଜନାରେ ୪୦ କୋଟି,  **ଡିଜାଷ୍ଟର୍ ରେସ୍ପନ୍ସ ସେଣ୍ଟର୍ (Disaster Response Centre)** ଯୋଜନାରେ ୧୦ କୋଟି ଏବଂ **ଡିଜାଷ୍ଟର ରେଜିଲିଏଣ୍ଟ୍ ପାୱାର ସିଷ୍ଟମ୍(Disaster Resilient Power System)** ଯୋଜନାରେ ୩୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଏବଂ **ଡିଷ୍ଟ୍ରିକ୍ଟ ହେଡ୍ କ୍ୱାଟର୍ ପ୍ରୋଜେକ୍ଟ (District Head Quarter Project)** ଯୋଜନାରେ ୧୦୦୦ ଟଙ୍କାର ଟୋକନ୍ ରାଶି ରଖାଯାଇଛି ।

**<u>ନୂତନ ଯୋଜନା ଓ ପ୍ରକଳ୍ପ</u>**

**<u>ଓ.ପି.ଜି.ସି ରେ ଅଂଶଧନ ବିନିଯୋଗ</u>**

ଓଡିଶା ତାପଜ ବିଦ୍ୟୁତ୍ ନିଗମକୁ ଅଂଶଧନ ବିନିଯୋଗ ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ସ୍ଥିର କରିଛନ୍ତି । ଏଥି ନିମନ୍ତେ ଆର୍ଥିକ ବର୍ଷ ୨୦୧୬-୧୭ ରେ ୨୪୭.୩୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

**ବ୍ୟାଙ୍କ ନ ଥିବା ଗ୍ରାମ ପଞ୍ଚାୟତରେ ନୂତନ ବ୍ୟାଙ୍କ ଶାଖା ଗୁଡିକୁ ବିଜୁଳି ଶକ୍ତି ଯୋଗାଣ**

ରାଜ୍ୟରେ ବ୍ୟାଙ୍କ ନ ଥିବା ବିଭିନ୍ନ ଗ୍ରାମ ପଞ୍ଚାୟତ ଗୁଡିକରେ ପ୍ରତିଷ୍ଠା କରାଯାଉଥିବା ନୂତନ ବ୍ୟାଙ୍କ ଶାଖା ଗୁଡିକୁ ବିଜୁଳି ଶକ୍ତି ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୧୬-୧୭ ରେ ୨.୫ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି ।

**ଗ୍ରାମ ପଞ୍ଚାୟତସ୍ତରୀୟ ଇଣ୍ଟରନେଟ୍ ସଂଯୋଗୀକରଣ ପାଇଁ ଅପ୍ଟିକ୍ ଫାଇବର୍ (Optic fibre)ର ବ୍ୟବସ୍ଥା**

ଗ୍ରାମ ପଞ୍ଚାୟତ ସ୍ତରରେ ଇଣ୍ଟରନେଟ୍ ସଂଯୋଗୀକରଣ ପାଇଁ ଅପ୍ଟିକ୍ ଫାଇବର୍ ସିଷ୍ଟମ୍ (Optic fibre system) ର ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି । ଏଥି ନିମନ୍ତେ ଆର୍ଥିକ ବର୍ଷ ୨୦୧୬-୧୭ ରେ ୧୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**ବିଜୁ କେ.ବି.କେ**

କେ.ବି.କେ ଜିଲ୍ଲାଗୁଡିକରେ ବିଜୁଳି ଶକ୍ତିର ବିକାଶ ନିମନ୍ତେ ପୂର୍ବ ପ୍ରଚଳିତ RLTAP ସ୍ଥାନରେ ବିଜୁ କେ.ବି.କେ ଯୋଜନା ପ୍ରଚଳନ ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି । ଆର୍ଥିକ ବର୍ଷ ୨୦୧୬-୧୭ ପାଇଁ ଏହି ଯୋଜନାରେ ୧୦୦୦ ଟଙ୍କାର ଟୋକନ୍ ରାଶି ରଖାଯାଇଛି ।

**ଓଡିଶା ଜଳ ବିଦ୍ୟୁତ୍ ନିଗମ (OHPC) ର କାର୍ଯ୍ୟାବଳୀ**

ଓଡିଶାରେ ଶକ୍ତି କ୍ଷେତ୍ରରେ ସଂସ୍କାର ଏବଂ ପୁର୍ନଗଠନ ନିମନ୍ତେ ଏପ୍ରିଲ୍ ୨୧ ତାରିଖ ୧୯୯୫ ମସିହାରେ ଓଡିଶା ଜଳ ବିଦ୍ୟୁତ୍ ନିଗମ ସ୍ଥାପିତ ହୋଇଥିଲା । ଓଡିଶା ସରକାର ଏବଂ ତତ୍କାଳୀନ ଓ.ଏସ୍.ଇ.ବି ଅଧିନରେ ଥିବା ସମସ୍ତ ଜଳ ବିଦ୍ୟୁତ୍ କେନ୍ଦ୍ର ତା.୦୧.୦୪.୧୯୯୬ ରିଖରେ ଓଡିଶା ଜଳ ବିଦ୍ୟୁତ୍ ନିଗମ ଅଧିନକୁ ଆସିଥିଲା ।

**ସ୍ଥାପିତ କ୍ଷମତା ଏବଂ ଶକ୍ତି ଉତ୍ପାଦନ**

ଓଡିଶା ଜଳ ବିଦ୍ୟୁତ୍ ନିଗମ (OHPC) ଗତ ୨୦୧୪-୧୫ ଆର୍ଥିକ ବର୍ଷରେ ମାଛକୁଣ୍ଡକୁ ମିଶାଇ ଏହାର ସମସ୍ତ ଶକ୍ତି କେନ୍ଦ୍ରରୁ ରୁପାଙ୍କନ ଶକ୍ତି ୫୯୩୮.୫୦ ମିଲିୟନ୍ ୟୁନିଟ୍ ତୁଳନାରେ ୬୫୩୧ ମିଲିୟନ୍ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିଅଛି ଏବଂ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ(OERC) ଙ୍କ ଦ୍ୱାରା ବାର୍ଷିକ ପ୍ଲାଣ୍ଟ୍ ଏଭେଲେବିଲିଟି ଫ୍ୟାକ୍ଟର୍ (PAF) ଧାର୍ଯ୍ୟ ଲକ୍ଷ୍ୟ ଶତକଡା ୮୩.୧୬% ତୁଳନାରେ ଶତକଡା ୮୩.୪୯% ହାସଲ କରିଅଛି।

ବର୍ତ୍ତମାନ ଏହି ନିଗମ ଅଧୀନରେ ନିମ୍ନଲିଖିତ ୬ ଗୋଟି ନିଜସ୍ୱ ଜଳ ବିଦ୍ୟୁତ୍ ପ୍ରକଳ୍ପ ଏବଂ ଏକ ଗୋଟି ଯୁଗ୍ମ ଜଳ ବିଦ୍ୟୁତ୍ ପ୍ରକଳ୍ପ (ଓଡିଶା ସରକାରଙ୍କର ୩୦% ଅଂଶଧନ ଥିବା ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ) ରହିଛି ଯାହାର ମୋଟ ସ୍ଥାପିତ କ୍ଷମତା ୨୦୬୩.୫୦MW ଅଟେ । ସେଗୁଡିକର ବିସ୍ତୃତ ସ୍ଥାପିତ କ୍ଷମତା ଏବଂ ଡିଜାଇନ୍ ଉର୍ଜା ତଳେ ବିସ୍ତୃତ ଭାବରେ ଦିଆଗଲା-

| କ୍ରମିକ ସଂଖ୍ୟା | ଜଳ ବିଦ୍ୟୁତ୍ ପ୍ରକଳ୍ପର ନାମ (MU) | ଅବସ୍ଥାପିତ କ୍ଷମତା (MU) | ରୂପାଙ୍କନ ଶକ୍ତି (MU) | ରୂପାଙ୍କନ ବିକ୍ରୟ ଶକ୍ତି (MU) | ୨୦୧୪-୧୫ ଉତ୍ପାଦିତ ବିଦ୍ୟୁତ୍ ଶକ୍ତି (୩୧.୧୨.୨୦୧୫) ସୁଦ୍ଧା |
|---|---|---|---|---|---|
| ୧ | ହୀରାକୁଦ | ୨୭୫.୫୦ | ୬୮୪ | ୬୭୭.୧୬ | ୪୨୫.୧୫ |
| ୨ | ଚିପିଲିମା | ୭୨ | ୪୯୦ | ୪୮୫.୧୦ | ୧୯୫.୮୭ |
| ୩ | ବାଲିମେଳା | ୫୧୦ | ୧୧୩୮ | ୧୧୭୧.୧୭ | ୫୦୦.୫୩ |
| ୪ | ରେଙ୍ଗାଳି | ୨୫୦ | ୫୨୫ | ୫୧୯.୭୫ | ୫୬୦.୪୮ |
| ୫ | ଉପର କୋଲାବ | ୩୨୦ | ୮୩୨ | ୮୨୩.୬୮ | ୪୯୨.୨୯ |
| ୬ | ଉପର ଇନ୍ଦ୍ରାବତୀ | ୬୦୦ | ୧୯୬୨ | ୧୯୪୨.୩୮ | ୧୪୩୮.୭୪ |
| | ସର୍ବମୋଟ | ୨୦୨୭.୫୦ | ୫୬୭୬ | ୫୬୧୯.୨୪ | ୩୬୧୩.୦୬ |
| ୭ | ମାଛକୁଣ୍ଡ (ଯୁଗ୍ମ) (୩୦% ଓଡିଶା ଭାଗ) | ୩୬.୦୦ | ୨୬୨.୫୦ | ୨୫୯.୨୪ | ୧୯୮.୯୭ |
| | **ସର୍ବମୋଟ** | **୨୦୬୩.୫୦** | **୫୯୩୮.୫୦** | **୫୮୭୮.୮୭** | **୩୮୧୨.୦୩** |

**<u>୨୦୧୫ ମସିହାରେ ଓଡିଶା ଜଳ ବିଦ୍ୟୁତ୍ ନିଗମ (OHPC) ଏବଂ ଓଡିଶା ସବୁଜ ଶକ୍ତି ଉନ୍ନୟନ ନିଗମ (GEDCOL) ଦ୍ୱାରା କରାଯାଇଥିବା ଉପଲବ୍ଧି</u>**

୧. ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ ୟୁନିଟ୍ ୫ ଓ ୬, ଚିପିଲିମା ଜଳ ବିଦ୍ୟୁତ୍ ପ୍ରକଳ୍ପର ୟୁନିଟ୍-୩ ର ନବୀକରଣ

ଓ ଆଧୁନିକୀକରଣ ନିମନ୍ତେ ତା.୧୭.୦୮.୨୦୧୫ ରିଖ ରେ ଯଥାକ୍ରମେ ୧୫୮.୭୭ କୋଟି ଟଙ୍କା ଓ ୬୫.୬୭ କୋଟି ଟଙ୍କାର ପ୍ରସ୍ତାବ ପତ୍ର ଭଏଥ୍ ହାଇଡ୍ରୋ ଇଣ୍ଡିଆ (Voith Hydro India)କୁ ପ୍ରଦାନ କରାଯାଇଅଛି । ଏହାର କାର୍ଯ୍ୟ ସମ୍ପାଦନ ସମୟ ଯଥାକ୍ରମେ ୩୦ ମାସ ଓ ୨୦ ମାସ ରଖାଯାଇଅଛି । ୟୁନିଟ୍-୩, ଚିପିଲିମା ପାଇଁ ତା.୧୫.୧୦.୨୦୧୫ ଓ ୟୁନିଟ୍-୫ ତଥା ୬, ହୀରାକୁଦ ପାଇଁ ତା.୧୬.୧୦.୨୦୧୫ ରିଖ ରେ କାର୍ଯ୍ୟ ସମ୍ପାଦନ ଚୁକ୍ତି ସ୍ୱାକ୍ଷରିତ ହୋଇଅଛି ।

୨. ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ ୟୁନିଟ୍-୧ ର କ୍ୟାପିଟାଲ (Capital) ମରାମତି କାର୍ଯ୍ୟ ତା.୧୪.୧୦.୨୦୧୫ ରିଖ ରେ ସମ୍ପୂର୍ଣ୍ଣ କରାଯାଇଅଛି ।

୩. ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ୟୁନିଟ୍-୧ ଓ ୨ ର AVR ଓ ଗଭର୍ନର୍ କୁ ତା.୧୫.୦୫.୨୦୧୫ ରିଖ ରେ ବଦଳ କରାଯାଇ DVR ଓ ଡିଜିଟାଲ ଗଭର୍ନର୍ କରାଯାଇଅଛି । ଏହି କାର୍ଯ୍ୟ ପାଇଁ ୧୬.୪୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଅଛି ।

୪. ଉପର ଇନ୍ଦ୍ରାବତୀ, ମୂଖୀଗୁଡାଠାରେ ପମ୍ପ୍ ଷ୍ଟୋରେଜ୍ ପ୍ରକଳ୍ପ ସ୍ଥାପନ ପାଇଁ ବିସ୍ତୃତ ପରିଯୋଜନା ବିବରଣୀ (DPR) ର ପ୍ରସ୍ତୃତି ନିମନ୍ତେ ୱାପକସ୍ ଲିମିଟେଡକୁ ତା.୧୫.୦୧.୨୦୧୪ ରିଖ ରେ କାର୍ଯ୍ୟାଦେଶ ଦିଆଯାଇଛି । ଏହାର ସଂକଳ୍ପନା ଢାଞ୍ଚା ଅନୁମୋଦିତ ହୋଇଅଛି ଏବଂ ତତ୍ ସହିତ ପ୍ରକଳ୍ପ ସ୍ଥାନରେ ମାପଚୁପ କାର୍ଯ୍ୟ ଚାଲିଅଛି ।

୫. ୨୦୧୪-୧୫ ଆର୍ଥିକ ବର୍ଷରେ ନିଗମ ୬୨୪.୮୩ କୋଟି ଟଙ୍କାର ରାଜସ୍ୱ ପାଇଥିବା ବେଳେ ନିଗମର ନିଟ୍ ଲାଭ ୧୫.୫୯ କୋଟି ଟଙ୍କା ଥିଲା ।

୬. ୧୩ ଗୋଟି କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପର ପ୍ରାକ୍ ସାମ୍ଭାବ୍ୟ ବିବରଣୀ (PRF) ପ୍ରସ୍ତୁତ ୱାପକସ୍ ସଂସ୍ଥା ଦ୍ୱାରା ପୁରା କରାଯାଇଅଛି । ଅନ୍ୟ ଦୁଇଗୋଟି କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପର ପ୍ରାକ୍ ସାମ୍ଭାବ୍ୟ ବିବରଣୀ (PRF) ପ୍ରସ୍ତୁତ ୱାପକସ୍ ସଂସ୍ଥା ଦ୍ୱାରା ଚାଲିଅଛି।

୭. କେନ୍ଦୁଝରର କାନୁପୁର ଠାରେ ୩ ମେଗାୱାଟ୍ (୨x୧.୫ ମେଗାୱାଟ୍) ଓ ମୟୁରଭଞ୍ଜର ଜମ୍ବିରାଠାରେ ୨.୪ ମେଗାୱାଟ୍ (୨x୧.୨ ମେଗାୱାଟ୍) ବନ୍ଧ ମୂଳରେ ସ୍ଥାପନ ହେବାକୁ ଥିବା କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପର ବିସ୍ତୃତ ପରିଯୋଜନା ବିବରଣୀ (DPR) ର ପ୍ରସ୍ତୁତି ୱାପକସ୍ ଲିମିଟେଡ୍ ଦ୍ୱାରା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଅଛି ।

**୨୦୧୬ ବର୍ଷ ପାଇଁ ଓଡିଶା ଜଳ ବିଦ୍ୟୁତ୍ ନିଗମ (OHPC) ଏବଂ ଓଡିଶା ସବୁଜ ଶକ୍ତି ଉନ୍ନୟନ ନିଗମ (GEDCOL) ର କାର୍ଯ୍ୟାବଳୀ**

୧. ୧୮ ଗୋଟି କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପର ପ୍ରାକ୍ ସାମ୍ଭାବ୍ୟ ବିବରଣୀ (PFR) ପ୍ରସ୍ତୁତି ୱାପକସ୍ ଦ୍ୱାରା କରାଯିବ ।

୨. ଓଡିଶା ସବୁଜ ଶକ୍ତି ଉନ୍ନୟନ ନିଗମ (GEDCOL) ମନମୁଣ୍ଡା ଠାରେ ସ୍ଥାପିତ ହେବାକୁ ଥିବା ୨୦ ମେଗାୱାଟ୍ ସୌର ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ପାଇଁ JNNSM Phase-II (ଚରଣ-୨), Batch-I (ଭାଗ-୧) ପାଇଁ SECI ଦ୍ୱାରା ଆମନ୍ତ୍ରିତ କରାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିଲା । ଏହି ପ୍ରକଳ୍ପ ସ୍ଥାପନ ପାଇଁ SECIଙ୍କ ଦ୍ୱାରାତା.୨୬.୦୨.୨୦୧୪ ରିଖ ରେ ଏଲ୍.ଓ.ଆଇ (LOI) ଜାରି କରାଯାଇଅଛି । ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଇପିସି (EPC) ଚୁକ୍ତି ମାଧ୍ୟମରେ କାର୍ଯ୍ୟ କରିବା ପାଇଁ ବି.ଏଚ୍.ଇ.ଏଲ୍ (BHEL) କୁ ତା.୦୯.୧୦.୨୦୧୪ ରେ ୧୪୮.୬୯ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଅଛି । ଏବେ ପ୍ଲାଣ୍ଟର କାର୍ଯ୍ୟ କେନ୍ଦ୍ର ସଂସ୍ଥା ବି.ଏଚ୍.ଇ.ଏଲ୍ (BHEL) ଦ୍ୱାରା ଚାଲିଅଛି ।

୩. କଟକ ଓ ଭୁବନେଶ୍ୱର ଯୌଥ ସହରରେ, ସରକାରଙ୍କ ଅଧିନରେ ଥିବା କୋଠାର ଛାତ ଉପରେ ୫ ମେଗାୱାଟ୍ ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କାର୍ଯ୍ୟ ଶେଷ କରାଯିବ । ଏଥିପାଇଁ ଆଇ.ଏଫ୍.ସି (IFC) ବୈଷୟିକ ସହାୟତା ଯୋଗାଇ ଦେଇଛନ୍ତି ।

୪. ଉପର ଇନ୍ଦ୍ରାବତୀ, ମୁଖୀଗୁଡାଠାରେ ପମ୍ପ୍ ଷ୍ଟୋରେଜ ପ୍ରକଳ୍ପ ସ୍ଥାପନ ପାଇଁ ବିସ୍ତୃତ ପରିଯୋଜନା ବିବରଣୀ (DPR) ର ପ୍ରସ୍ତୁତ ୱାପକସ୍ ଦ୍ୱାରା ଚାଲିଅଛି ।

୫. ବାଲିମେଳା ଜଳ ବିଦ୍ୟୁତ୍ ପ୍ରକଳ୍ପର ୟୁନିଟ୍ ୧ ରୁ ୬ (୬ଟି ୟୁନିଟ୍) ର ନବୀକରଣ ଓ ଆଧୁନିକୀକରଣ ପାଇଁ ଡକାଯାଇଥିବା ଟେଣ୍ଡର ପ୍ରକ୍ରିୟା ଶେଷ କରି, ନବୀକରଣ ଓ ଆଧୁନିକୀକରଣ କାର୍ଯ୍ୟ ଆରମ୍ଭ କରାଯିବ । ଏହିସବୁ ୟୁନିଟ୍ ମାନଙ୍କର ନବୀକରଣ ଓ ଆଧୁନିକୀକରଣ କାର୍ଯ୍ୟ ପାଇଁ ୬୬୪.୭୦ କୋଟି ଟଙ୍କାର ବ୍ୟୟବରାଦ ପାଇଁ ଆକଳନ କରାଯାଇଅଛି ।

୬. ଉପର କୋଲାବ ୟୁନିଟ୍-୧ ର କ୍ୟାପିଟାଲ (Capital) ମରାମତି କାର୍ଯ୍ୟ ପାଇଁ ୧୯.୦୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇ କାର୍ଯ୍ୟ ଚାଲୁରହିଛି । ଏଥିରେ ହେଉଥିବା କାର୍ଯ୍ୟଗୁଡିକ ହେଲା ଜେନେରେଟର ଷ୍ଟାଟର୍ ବଦଳାଇବା ସହ ନୂତନ କ୍ଲାସ୍-ଏଫ୍ ଆସ୍ତରଣ ଥିବା ନୂତନ ଷ୍ଟାଟର୍, ଟର୍ବାଇନର ସମ୍ପୂର୍ଣ୍ଣ ମରାମତି, ଡିଜିଟାଲ୍ ଗଭର୍ନର, ଏଚ୍.ପି ଲ୍ୟୁବ୍ ଅଏଲ୍ ପମ୍ପ, ବ୍ରେକ୍ ଜ୍ୟାକ୍ ପ୍ରଣାଳୀ ଓ ଧୂଳି ସଂଗ୍ରହକାରୀ ଯନ୍ତ୍ର ଇତ୍ୟାଦି ସ୍ଥାପନ ।

୭. ଉପର ଇନ୍ଦ୍ରାବତୀ ୟୁନିଟ୍-୩ ର କ୍ୟାପିଟାଲ (Capital) ମରାମତି କାର୍ଯ୍ୟ ଚାଲୁଅଛି । ଏଥିପାଇଁ ୧୭.୨୩ କୋଟି ଟଙ୍କା ଖର୍ଚ୍ଚ ପାଇଁ ଆକଳନ କରାଯାଇଅଛି ।

## ଓଡିଶା ଶକ୍ତି ଉତ୍ପାଦନ ନିଗମ (OPGC)

ଓପିଜିସି, କମ୍ପାନୀ ଆଇନ୍ ୧୯୫୬ ଅନୁଯାୟୀ ୧୯୮୪ ମସିହାରେ ଏକକ କମ୍ପାନୀ ଭାବରେ ପରିଗଣିତ ହେଲା । ଏହା ଏକ ସରକାରୀ ଗୋଲ୍ଡ କ୍ୟାଟେଗୋରି କମ୍ପାନୀ ଅଟେ ।

ଓପିଜିସି, କୋଇଲାଭିତ୍ତିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ, ଏହାର ମରାମତି, ବିଦ୍ୟୁତ୍ ସରବରାହ, ସବ୍-ଷ୍ଟେସନ ସ୍ଥାପନ କରିବା ଇତ୍ୟାଦି ଏବଂ ଆବଶ୍ୟକ ପଡୁଥିବା ଜାଳେଣୀ ଯଥା-କୋଇଲା, ଲିଗ୍ନାଇଟ୍, କୋକ୍, କୋଲ ବେଡ୍ ମିଥାଇନ୍ ଇତ୍ୟାଦି ଯୋଗାଡ କରିବାର ଆବଶ୍ୟକୀୟ ପଦକ୍ଷେପ ନିଏ ।

ଓପିଜିସି ର ଅଥରାଇଜଡ୍ ଅଂଶଧନ-୧୦୦ କୋଟି ଟଙ୍କା ଏବଂ ପେଡ୍ ଅପ୍-୪୯୦.୨୧ କୋଟି ଟଙ୍କା ଅଟେ ।

ଓଡିଶା ପାୱାର ଜେନେରେସନ କର୍ପୋରେସନ ଝାରସୁଗୁଡା ଜିଲ୍ଲାର ବନହରପାଲି ଠାରେ ଇବ୍ ଥର୍ମାଲ୍ ପାୱାର ଷ୍ଟେସନ୍ ସ୍ଥାପନ କରିଅଛି । ଇବ୍ ଥର୍ମାଲ୍ ପାୱାର ଷ୍ଟେସନ ଅନ୍ତର୍ଗତ ୨୧୦ ମେଗାୱାଟ୍ ବିଶିଷ୍ଟ ୨ଟି ୟୁନିଟ୍ ରୁ ବିଦ୍ୟୁତ୍ ଉତ୍ପାଦନ ହେଉଅଛି । ସମୁଦାୟ ୧୧୩୫ କୋଟି ଟଙ୍କା ବ୍ୟୟରେ ସ୍ଥାପିତ ଉକ୍ତ ୟୁନିଟ୍ ଦ୍ୱୟରୁ ଉତ୍ପାଦିତ ସମସ୍ତ ବିଜୁଳି ଶକ୍ତି ଏକ ଦୀର୍ଘ ମିଆଦି ବିଦ୍ୟୁତ୍ କ୍ରୟ ଚୁକ୍ତି (Long Term PPA) ମାଧ୍ୟମରେ ଗ୍ରୀଡକୋକୁ ବିକ୍ରୟ କରାଯାଉଅଛି । ବର୍ତ୍ତମାନର ବିକ୍ରୟ ମୂଲ୍ୟ ୟୁନିଟ୍ ପିଛା ହାରାହାରି ଟ.୨.୨୬ (ଦୁଇ ଟଙ୍କା ଛବିଶି ପଇସା) ଅଛି ।

## ଓଡିଶା ପାୱାର ଜେନେରେସନ କର୍ପୋରେସନର କାର୍ଯ୍ୟକଳାପ

### ଓପିଜିସିର ଆବଣ୍ଟିତ ଲାଭାଂଶ-

| | |
|---|---|
| ରାଜ୍ୟ ସରକାର - (୫୧ ପ୍ରତିଶତ) | - ୭୧୨.୫୦ କୋଟି ଟଙ୍କା |
| ଏ.ଇ.ଏସ୍ - (୪୯ ପ୍ରତିଶତ) | - ୬୫୨.୧୮ କୋଟି ଟଙ୍କା |
| ମୋଟ୍ (୧୦୦ ପ୍ରତିଶତ) | - ୧୩୬୪.୬୮ କୋଟି ଟଙ୍କା |

## ଓପିଜିସିରେ ରାଜ୍ୟ ସରକାରଙ୍କ ଅର୍ଥ ବିନିଯୋଗ ବନାମ ପ୍ରାପ୍ତ ଅର୍ଥ

ପ୍ରାରମ୍ଭିକ ବିନିଯୋଗ - ୪୫୧ କୋଟି ଟଙ୍କା (ଅଂଶ ଧନ)

ଅଦ୍ୟାବଧି ପ୍ରାପ୍ତ ହୋଇଥିବା ଅର୍ଥର ପରିମାଣ -

ନିବେଶ - ୫୦୪ କୋଟି ଟଙ୍କା

ଲାଭାଂଶ - ୭୧୨.୫୦ କୋଟି ଟଙ୍କା

**ବର୍ତ୍ତମାନ ବ୍ୟବସାୟିକ ସ୍ଥିତି (ୟୁନିଟ୍ ୧ ଏବଂ ୨ ର)**

ଓପିଜିସି ଅଧିନରେ ଝାରସୁଗୁଡା ଜିଲ୍ଲାର ବନହରପାଲିଠାରେ ୧୧୩୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଇବ୍ ଥର୍ମାଲ ପାୱାର ଷ୍ଟେସନରୁ (୨X୨୧୦ ମେଗାୱାଟ୍) ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହେଉଅଛି । ଏକ ଦୀର୍ଘକାଳୀନ ଶକ୍ତି କ୍ରୟ ଚୁକ୍ତି ଭିତ୍ତିରେ ଏହାର ୟୁନିଟ୍ ଦ୍ୱୟରୁ (ପ୍ରତ୍ୟେକ ୨୧୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ସମ୍ପୂର୍ଣ୍ଣ) ଉତ୍ପାଦିତ ହେଉଥିବା ସମସ୍ତ ବିଦ୍ୟୁତ୍ ଶକ୍ତି ଗ୍ରୀଡକୋକୁ ବିକ୍ରି କରାଯାଇଥାଏ ।

ବର୍ତ୍ତମାନ ପ୍ରତ୍ୟେକ ୟୁନିଟ୍ ବିଦ୍ୟୁତ୍ ଶକ୍ତିର ମୂଲ୍ୟ-୨ ଟଙ୍କା ୨୬ ପଇସା (ଆନୁମାନିକ) ଅଟେ । ଗତ ୫ ବର୍ଷ ମଧ୍ୟରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନର ପରିମାଣ ଓ ଲାଭ ନିମ୍ନରେ ପ୍ରଦାନ କରାଗଲା ।

| ବର୍ଷ | ଉତ୍ପାଦିତ ବିଦ୍ୟୁତ୍ ଶକ୍ତି (ଏମ୍.ୟୁ) | ପି.ଏଲ୍.ଏଫ୍ (ଶତକଡା) | ମୋଟ ବ୍ୟବସାୟ (ଟଙ୍କା କୋଟିରେ) | ନିଟ୍ ଲାଭ (ଟ୍ୟାକ୍ସ ଦେୟ ପରେ) |
|---|---|---|---|---|
| ୨୦୧୦-୧୧ | ୩୧୮୪.୭୦ | ୮୬.୫୬ | ୫୦୪.୧୪ | ୧୧୫.୦୪ |
| ୨୦୧୧-୧୨ | ୨୯୫୦.୧୫ | ୭୯.୯୭ | ୫୭୨.୭୮ | ୧୩୭.୦୮ |
| ୨୦୧୨-୧୩ | ୩୧୮୧.୫୯ | ୮୬.୪୭ | ୬୩୬.୦୩ | ୧୬୭.୪୩ |
| ୨୦୧୩-୧୪ | ୨୮୫୫.୯୦ | ୭୭.୬୨ | ୬୨୨.୬୪ | ୧୨୭.୫୭ |
| ୨୦୧୪-୧୫ | ୨୭୯୮.୯୨ | ୭୬.୦୭ | ୬୩୦.୦୦ | ୧୫୦.୫୭ |
| ୨୦୧୫-୧୬ | ୩୧୧୭.୩୧୬ | ୮୪.୫୦ | ୭୦୫.୯୫ | ୧୧୪.୮୩ |

## ଓପିଜିସିର ସମ୍ପ୍ରସାରଣ (ତୃତୀୟ ଓ ଚତୁର୍ଥ ୟୁନିଟ୍) କାର୍ଯ୍ୟକ୍ରମ

ଓପିଜିସି ଅଧିନରେ ଏହାର ୩ୟ ଓ ୪ର୍ଥ ୟୁନିଟ୍ (୨X୬୬୦ ମେଗାୱାଟ୍) ତାପଜ ବିଦ୍ୟୁତ୍ କେନ୍ଦ୍ର ଝାରସୁଗୁଡା ଜିଲ୍ଲାର ବନହରପାଲି ସ୍ଥିତ ଇବ୍ ଥର୍ମାଲ ପାୱାର ଷ୍ଟେସନ ଠାରେ କାର୍ଯ୍ୟ କରୁଅଛି । ଏହି ବିଦ୍ୟୁତ୍ କେନ୍ଦ୍ର ପାଇଁ ଭାରତ ସରକାରଙ୍କ ଅଧିନସ୍ଥ ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ (BHEL) ମୁଖ୍ୟ ପ୍ଲାଣ୍ଟପାଇଁ ବଏଲର୍, ଷ୍ଟିମ୍ ଟର୍ବାଇନ୍ ଏବଂ ଜେନେରେଟର୍ ଯୋଗାଉଥିବା ବେଳେ ବି.ଜି.ଆର୍.ଇ ବାଲାନ୍ସ ଅପ୍ ପ୍ଲାଣ୍ଟ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି ଯୋଗାଉଅଛି । ଏହି ତାପଜ ବିଦ୍ୟୁତ୍ କେନ୍ଦ୍ର ୨୦୧୭-୧୮ ଶେଷ ସୁଦ୍ଧା କାର୍ଯ୍ୟକ୍ରମ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ପ୍ରସ୍ତାବିତ ଉତ୍ପାଦିତ ତାପଜ ବିଦ୍ୟୁତର ଶତକଡା ୫୦ ଭାଗ ୨୫ ବର୍ଷିୟା ଚୁକ୍ତି ଭିତ୍ତିରେ ଗ୍ରୀଡକୋକୁ ବିକ୍ରୀ କରାଯିବା ପାଇଁ ଓଇଆରସିଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ବେଳେ ଓପିଟିସିଏଲ୍ (OPTCL) ର ଗ୍ରୀଡ୍ ମାଧମରେ ଏହି ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯିବାର ପ୍ରସ୍ତାବ ରହିଛି ।

ଉକ୍ତ ପ୍ରକଳ୍ପର ୩ୟ, ୪ର୍ଥ ୟୁନିଟ୍ ଦ୍ୱୟର ବ୍ୟୟ ଅଟକଳ ୧୦୧୬୫ କୋଟି ଟଙ୍କା ଥିବାବେଳେ ଏହାର ରଣ ଏବଂ ଅଂଶଧନର ଅନୁପାତ ୭୫:୨୫ ରହିବ । ଏହାର ଆର୍ଥିକ ରଣ (୭୬୨୪ କୋଟି ଟଙ୍କା) ପାୱାର ଫାଇନାନ୍ସ କର୍ପୋରେସନ ଏବଂ ରୁରାଲ ଇଲେକ୍ଟ୍ରିଫିକେସନ ଠାରୁ ସଂଗୃହିତ ହେବାପାଇଁ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଅଛି । ଅଂଶଧନ ଟ.୨୫୪୧ କୋଟି ମଧ୍ୟରୁ ଆଂଶିକ ଭାବେ (ରିଜର୍ଭ) ଜମା ରାଶିରୁ ଏବଂ ଅଂଶୀଦାର ମାନଙ୍କଠାରୁ ସଂଗୃହିତ ହେବ । ଉକ୍ତ ପ୍ରକଳ୍ପ ପାଇଁ ୨୦୧୬ ଅକ୍ଟୋବର ସୁଦ୍ଧା ୩୨୭୨ କୋଟି ଟଙ୍କା ରଣ ଏବଂ ଅଂଶଧନ ଭାବେ ଖର୍ଚ୍ଚ ସରିଲାଣି ।

## ଓଡିଶାକୋଲ୍ଆଣ୍ଡପ୍ରାୱାରଲିମିଟେଡ୍ (ଓ.ସି.ପି.ଏଲ୍.)

ଓଡିଶାକୋଲ୍ଆଣ୍ଡପ୍ରାୱାରଲିମିଟେଡ(ଓସିପିଏଲ୍)ହେଉଛିଓଡିଶାପାୱାରଜେନେରେସନ୍କର୍ପୋରେସନ୍ (ଓପିଜିସି) ଏବଂଓଡିଶାହୋଇଡ୍ରୋପାୱାରକର୍ପୋରେସନ୍ (ଓ.ଏଚ.ପି.ସି)ରଏକଯୁଗ୍ମବ୍ୟବସାୟିକସଂସ୍ଥା,

(ଜଏଣ୍ଟ୍ଭେଞ୍ଚର୍) ଯେଉଁଥିରେଉଭୟଙ୍କରଅଂଶଧନରଅନୁପାତଯଥାକ୍ରମେ 51 ଏବଂ 49 ଅଟେ।କେବଳ ଓପିଜିସିର (4X660)ମେଗାୱାଟପ୍ଲାଣ୍ଟସଂପ୍ରସାରଣପାଇଁକୋଇଲାଯୋଗାଇବାନିମନ୍ତେ ଭାରତସରକାରଙ୍କକୋଇଲାମନ୍ତ୍ରଣାଳୟରମନୋନିତକର୍ତ୍ତୃପକ୍ଷଙ୍କଦ୍ୱାରାଅଗଷ୍ଟ 31, 2015 ଦିନ ଓସିପିଏଲ୍କୁମନୋହରପୁରଏବଂଡିପ୍ସାଇଡମନୋହରପୁରକୋଇଲାଖଣି (କୋଲ୍ବ୍ଲକ୍) ଆବଣ୍ଟନକରାଯାଇଥିଲା।

ଏହିକୋଇଲାଖଣିଗୁଡିକସୁନ୍ଦରଗଡଜିଲ୍ଲାରଇବ୍ଉପତ୍ୟକାକୋଇଲାକ୍ଷେତ୍ରଅଞ୍ଚଳରେଅବସ୍ଥିତ।ମନୋହରପୁରକୋଇଲାଖଣିଟିସର୍ବଶେଷଭାବେପରିକ୍ଷିତହୋଇଥିବାବେଳେଡିପ୍ସାଇଡ୍ମନୋହରପୁରଟିଆଂଶିକଭାବେପରିକ୍ଷିତଅଟେ।ମନୋହରପୁରକୋଇଲାଖଣିରେଗଚ୍ଛିତଥିବାକୋଇଲାରପରିମାଣ 181 ମିଲିୟନଟନଅଟେଏବଂଡିପ୍ସାଇଡ୍ମନୋହରପୁରକୋଇଲାଖଣିରପରିମାଣ 350 ମିଲିୟନଟନ୍ଅଟେ।

ପ୍ରକଳ୍ପକାର୍ଯ୍ୟକ୍ରମ :-

**(କ) ମନୋହରପୁରକୋଇଲାଖଣି :-**

1. **ପୂନଃନିର୍ମାଣଓପୁନଃଥଇଥାନ :-**
   - ସୁଖାବନ୍ଧଠାରେମନୋହରପୁରଗ୍ରାମରଜମିହରାଇଥିବାପରିବାରପାଇଁପୂନଃନିର୍ମାଣଓପୁନଃଥଇଥାନନିମନ୍ତେ କମ୍ପାନୀରନିର୍ମାଣକାର୍ଯ୍ୟସବୁଦୃଷ୍ଟିରୁସମାପ୍ତହୋଇସାରିଛି।
   - ଡିସେମ୍ବର 2016 ସୁଦ୍ଧା 68 ଟିଜମିହରାଇଥିବାପରିବାରଆର.ଏବଂଆର. କଲୋନୀକୁସ୍ଥାନାନ୍ତରିତହୋଇସାରିଛନ୍ତି।
   - ସାନଘୁମୁଡାଗ୍ରାମରଜମିହରାଇଥିବାପରିବାରପାଇଁଆର.ଏବଂଆର. କଲୋନୀନିର୍ମାଣକାର୍ଯ୍ୟଆରମ୍ଭହୋଇଛି।
2. **ଅନୁମତିପତ୍ର/ପ୍ରତିବନ୍ଧକଦୂରୀକରଣ/ଅନୁରୋଧବାଆଦେଶପାଳନ :-**
   - ଗୁରୁତ୍ୱପୂର୍ଣ୍ଣଅନୁମତିପତ୍ରଏବଂପ୍ରତିବନ୍ଧକରଦୂରୀକରଣଯଥାଜଙ୍ଗଲଏବଂପରିବେଶଅନୁମତି, ସ୍ଥାପନକରିବାକୁସମ୍ମତ୍ତି , ରାସ୍ତାଓନାଳଗତିପଥରୁବିଚ୍ୟୁତିରଅନୁମତି, ଆର.ଏବଂଆର. କଲୋନୀନିର୍ମାଣତଥାପରିଚାଳନାଓପରିବେଶଅନୁମତିପାଇଁସମସ୍ତଅନୁମୋଦନପତ୍ରପ୍ରାପ୍ତହୋଇସାରିଛି।
   - ଓଡିଶାସରକାରଙ୍କଦ୍ୱାରାଖଣିଲିଜ୍ ରମଞ୍ଜୁରୀପ୍ରାପ୍ତଏବଂଏହିସମନ୍ଧୀୟକାର୍ଯ୍ୟଅଗ୍ରଗତିକରୁଛି।
   - ମାଇନ୍ପ୍ଲାନଓମାଇନ୍କ୍ଲୋଜର ( ଆର.ଇ.ଭି.-1) ପ୍ଲାନରଅନୁମୋଦନପତ୍ରପ୍ରାପ୍ତହୋଇସାରିଛି । ମାଇନ୍ପ୍ଲାନଓମାଇନ୍କ୍ଲୋଜରପ୍ଲାନ( ଆର.ଇ.ଭି.-2 ) ଭାରତସରକାରଙ୍କକୋଇଲାମନ୍ତ୍ରଣାଳୟରଅନୁମୋଦନପାଇଁନିବେଦନକରାଯାଇଛି ।

3. **ଜମି :-**

- ୨82 ଏକରଜମିରୁ 856 ଏକରଜମିଓସିପିଏଲପାଇଁପ୍ରଦାନକରାଯାଇଅଛି ।
- 787 ଏକରସରକାରଜମିରୁ 741 ଏକରଜମିଓସିପିଏଲ୍ପାଇଁଆବଣ୍ଟନହୋଇଅଛି ।
- 495 ଏକରଜଙ୍ଗଲଜମିରୁ 491 ଏକରଜମିଦଖଲନିଆସରିଛି ।

4. **ବିତ୍ତ/ଅର୍ଥସମ୍ବନ୍ଧୀୟବ୍ୟବସ୍ଥା –**

- କୋଇଲାଖଣିରବିକାଶନିମିତ୍ତଓସିପିଏଲ୍ବୋର୍ଡ 1382 କୋଟିଟଙ୍କାଅନୁମୋଦନକରିଛନ୍ତି ।
- ପି.ଏଫ.ସି. ଓଆର.ଇ.ସି. ପ୍ରତ୍ୟେକ 518 କୋଟିଟଙ୍କାଓସିପିଏଲ୍ପାଇଁଅନୁମୋଦନକରିଅଛନ୍ତି ।
- ପି.ଏଫ.ସି. ସହିତରାଜିନାମାଚୁକ୍ତିନାମାସ୍ୱାକ୍ଷରିତହୋଇସାରିଥିବାବେଳେଆର.ଇ.ସି. ସହିତଏହିପ୍ରକ୍ରୀୟାଆରମ୍ଭହୋଇଛି ।

5. **କୋଇଲାଉତ୍ପାଦନରକାର୍ଯ୍ୟକ୍ରମ ;-**

(କ) ଭାରତସରକାରଙ୍କକୋଇଲାମନ୍ତ୍ରଣାଳୟରମନୋନିତକର୍ତ୍ତୃପକ୍ଷଙ୍କସହିତଦସ୍ତଖତହୋଇଥିବାଚୁକ୍ତିପତ୍ରଅନୁଯାୟୀ, ଅପ୍ରେଲ 2019 ସୁଦ୍ଧାକୋଇଲାଉତ୍ପାଦନଆରମ୍ଭହେବଏବଂ 2022 ଶେଷସୁଦ୍ଧାସମ୍ପୂର୍ଣ୍ଣଉତ୍ପାଦନ( 8ମିଲିୟନଟନ) ରରୂପରେଖନେଇଥିବ ।

(ଖ) **ଡିପ୍ସାଇଡମନୋହରପୁରକୋଇଲାଖଣି :–**

1. ସମ୍ଭାବ୍ୟଅନୁମତିପତ୍ରପ୍ରଦାନ (ପ୍ରସ୍ପେକଟିଂଲାଇସେନ୍ସ)

- ରାଜ୍ୟସରକାରଙ୍କସହିତସମ୍ଭାବ୍ୟଅନୁମତିପତ୍ରସ୍ୱାକ୍ଷରିତହୋଇସାରିଛି ।
- ପରୀକ୍ଷାମୂଳକଖନନ (ଏକ୍ସପ୍ଲୋରେଟୋରୀଡ୍ରିଲିଂ) ଏବଂଡିପ୍ସାଇଡକୋଇଲାଖଣିପାଇଁଭୂତାତ୍ୱିକରିପୋର୍ଟପ୍ରସ୍ତୁତି ।
- ଡିପ୍ସାଇଡକୋଇଲାଖଣିରେ 71 ଟିଗଭୀରକୂପଖନନକାର୍ଯ୍ୟସମ୍ପୂର୍ଣ୍ଣହୋଇସାରିଛି ।
- ଭୂତାତ୍ୱିକରିପୋର୍ଟପ୍ରସ୍ତୁତିପାଇଁସି.ଏମ.ପି.ଡି.ଆଇ.ଙ୍କୁନିଯୁକ୍ତିପ୍ରଦାନକରାଯାଇଛି ।

(ଗ) **ମାନବସମ୍ବଳ :-**

କୋଇଲାଖଣିରବିକାଶପାଇଁ,ଓପିଜିସିରୁଡେପୁଟେସନରେଆସିଥିବାକର୍ମଚାରୀଙ୍କୁ ମିଶାଇ 76 ଜଣଉତ୍ସର୍ଗୀକୃତକର୍ମଚାରୀନିରବଚ୍ଛିନ୍ନଭାବେକାର୍ଯ୍ୟରତଅଛନ୍ତି ।

## ଓ.ପି.ଟି.ସି.ଏଲ୍ ର ପ୍ରମୁଖ କାର୍ଯ୍ୟାବଳୀ

ଓଡିଶା ପାୱାର ଟ୍ରାନ୍ସମିସନ୍ କର୍ପୋରେସନ ଲିମିଟେଡ୍, ବିଭିନ୍ନ ଇଣ୍ଟରଷ୍ଟେଟ୍ ଏବଂ ଇନଟ୍ରାଷ୍ଟେଟ୍ ଟ୍ରାନ୍ସମିସନ୍ ଲାଇନ୍ ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରଠାରୁ ବିଦ୍ୟୁତ୍ ବିତରଣ କେନ୍ଦ୍ର ପର୍ଯ୍ୟନ୍ତ ବିଦ୍ୟୁତ୍ ପ୍ରସାରଣ କାର୍ଯ୍ୟ ସମ୍ପାଦନ କରିଆସୁଅଛି ।

**ଓ.ପି.ଟି.ସି.ଏଲ୍ ର ବର୍ତ୍ତମାନର ଭିତ୍ତିଭୂମି ନିମ୍ନରେ ପ୍ରଦାନ କରାଗଲା-**

୧. ସୁଇଚିଙ୍ଗ୍ ଷ୍ଟେସନକୁ ମିଶାଇ ସର୍ବମୋଟ ୧୨୬ (ଏକ ଶତ ଛବିଶ)ଟି ଗ୍ରୀଡ୍, ଯାହାର ସମୁଦାୟ କ୍ଷମତା ୧୫୫୮୨ (ପନ୍ଦର ହଜାର ପାଞ୍ଚଶହ ବୟାଅଶି )ଏମ୍.ଭି.ଏ ଅଟେ ।

୨. ୪୦୦/୨୨୦/୧୩୨ କେ.ଭି କ୍ଷମତା ବିଶିଷ୍ଟ ୧୨୮୭୬ (ବାର ହଜାର ଆଠ ଶହ ଛଅସ୍ତରୀ) ସର୍କିଟ୍ କିଲୋମିଟର ଟ୍ରାନ୍ସମିସନ୍ ଲାଇନ୍ ।

ବର୍ତ୍ତମାନ ରାଜ୍ୟରେ ଆବଶ୍ୟକତା ଥିବା ପାଖାପାଖି ୪୧୬୬ (ଚାରି ହଜାର ଏକଶହ ଛଅଷଠି) ମେଗାୱାଟ୍ (ସର୍ବାଧିକ) ପିକ୍ ଡିମାଣ୍ଡ ବିଦ୍ୟୁତ୍ ଶକ୍ତିକୁ ଉପରୋକ୍ତ ଲାଇନ ଏବଂ ଗ୍ରୀଡ୍ ସବ୍-ଷ୍ଟେସନ୍ ମାଧ୍ୟମରେ ପ୍ରସାରଣ କରାଯାଉଅଛି ।

**ଅପରେଶନ୍ ଓ ମେଣ୍ଟେନାନ୍ସ ବିଭାଗ ଦ୍ୱାରା ପରିଚାଳିତ ହୋଇଥିବା କାର୍ଯ୍ୟ:-**

(କ) **ଶେଷ ହୋଇଥିବା କାର୍ଯ୍ୟ:-**

(୧) ଦୁଇଟି ଗ୍ରୀଡ୍ ରେ ଅଧିକ ୧୫ ଏମ୍.ଭି.ଏ ଟ୍ରାନ୍ସଫରମେଶନ୍ କ୍ୟାପାସିଟି ସଂଯୋଗୀକରଣ ।

(୨) ଦୁଇଟି LILO ଲାଇନର କମିଶନିଂ ଯଥା ୨୨୦ କେ.ଭି କଟାପଲି-ବଲାଙ୍ଗିର ଫିଡର ଠାରୁ Bolangir PG ସବଷ୍ଟେସନ୍ ପର୍ଯ୍ୟନ୍ତ ଏବଂ ୧୩୨ କେ.ଭି Burla PH - Chiplima PH Tie-I ଲାଇନ ଠାରୁ କଟାପାଲି ସବଷ୍ଟେସନ୍ ପର୍ଯ୍ୟନ୍ତ ।

(୩) ଚନ୍ଦକା ଗ୍ରୀଡ୍ ସବଷ୍ଟେସନ୍ ରେ ଡିଜିଟାଲ୍ ଟେକ୍ନୋଲୋଜି ଥାଇ ୩ଟି ୩୩ କେ.ଭି Bays ର ସ୍ଥାପନ ।

(୪) ବାଲିମେଳା ସବଷ୍ଟେସନ୍ ରେ ୨୨୦ କେ.ଭି ଫିଡ଼ର Bay ସ୍ଥାପନ ।

(୫) ୧୩୨ କେ.ଭି ବୁର୍ଲା-ସମ୍ବଲପୁର ଲାଇନ୍, ପାରାଦ୍ୱୀପ-ଇଫକୋ ଡ଼ି.ସି ଲାଇନ୍ ଏବଂ ପାରାଦ୍ୱୀପ-ପିପିଟି ଡିପି ଲାଇନରେ ପୁରୁଣା ତାରକୁ ବଦଳାଯାଇ ନୂଆ ତାରର ସଂଯୋଗୀକରଣ ।

(୬) ବୋଇଣ୍ଡା ଏବଂ ଜଳେଶ୍ୱର ଗ୍ରୀଡ୍ ସବଷ୍ଟେସନ୍ ରେ ପ୍ରତ୍ୟେକ ୧୦ଏମ୍.ଭି.ଏ.ଆର୍ କ୍ୟାପାସିଟିର ବ୍ୟାଙ୍କ ସ୍ଥାପନା

(ଖ) **ଚାଲୁ ରହିଥିବା କାର୍ଯ୍ୟ:-**

(୧) ୧୩୨ କେ.ଭି. ଯାଜପୁର ରୋଡ୍ - ଆନନ୍ଦପୁର ଲାଇନ୍, ପାରାଦ୍ୱୀପ-ଜଗତସିଂପୁର ଲାଇନ୍, ନିଉ ବଲାଙ୍ଗୀର-ପାଟନାଗଡ଼ ଲାଇନ୍, ନିଉ ବଲାଙ୍ଗୀର-ସୋନପୁର ଲାଇନ୍ ଏବଂ ଆଖୁସିଂ-ପାରଳାଖେମୁଣ୍ଡି ଲାଇନ୍ ସିଙ୍ଗଲ ସର୍କିଟ୍ ରୁ ଡ଼ବଲ ସର୍କିଟ୍ କୁ ପରିବର୍ତ୍ତନ ।

(୨) ୧୩୨ କେ.ଭି ଯୋଡ଼ା-ବଡ଼ବିଲ୍ ଏବଂ ମେଣ୍ଢାଶାଳ-ଖୋର୍ଦ୍ଧା ଲାଇନର ଅପ୍-ଗ୍ରେଡେସନ୍ (up-gradation) ।

(୩) ବାଲେଶ୍ୱର, ସଇଁତଳା ଏବଂ ଖୋର୍ଦ୍ଧା ଗ୍ରୀଡ୍ ରେ ୧୩୨ କେ.ଭି ଫିଡର୍ Bays ର ସମ୍ମିଶ୍ରଣ ।

(୪) ବୁଢିପଦର, ନିଉ ବଲାଙ୍ଗୀର, ସମ୍ବଲପୁର, ବସ୍ତା, ଫୁଲନଖରା, ଆନନ୍ଦପୁର, ଖୋର୍ଦ୍ଧା, ଥେରୁବାଲି, ରାୟଗଡା ଏବଂ ପୁରୁଷୋତ୍ତମପୁର ଗ୍ରୀଡ୍ ରେ ଟ୍ରାନ୍ସଫରମର୍ Bays ର ସମ୍ମିଶ୍ରଣ ।

(୫) ୧୩୨ କେ.ଭି. ଖୋର୍ଦ୍ଧା-ପୁରୀ, ବ୍ରହ୍ମପୁର-ଦିଗପହଣ୍ଡି, କେନ୍ଦ୍ରାପଡା-ପାରାଦ୍ୱୀପ (୧-୨), ଟି.ଟି.ପି.ଏସ୍.-ଡୁବୁରି (୨), ଯାଜପୁର ରୋଡ୍ - ଭଦ୍ରଖ ଲାଇନ୍ ଏବଂ ୨୨୦ କେ.ଭି. ଯୋଡା- ଟି.ଟି.ପି.ଏସ୍.- (୧), ମେରାମୁଣ୍ଡଳୀ - ଭଞ୍ଜନଗର (୧) ଲାଇନରେ ପୁରୁଣା ତାର ବଦଳାଯାଇ ନୂଆ ତାରର ସଂଯୋଗୀକରଣ ।

(୬) ୧୩୨/୩୩ କେ.ଭି. ଯାଜପୁର ଗ୍ରୀଡ୍ ଏବଂ କେନ୍ଦ୍ରାପଡା ଗ୍ରୀଡ୍ ରେ ପ୍ରୋଟେକସନ୍ ଅପଗ୍ରେଡେସନ୍ ଏବଂ ସବଷ୍ଟେସନ୍ ଅଟୋମେଶନ୍ ସିସଟମ୍ (SAS-Substation Automation System)କାର୍ଯ୍ୟ ଚାଲୁରହିଥିବା ବେଳେ ଅନ୍ୟ ଚାରୋଟି ଗ୍ରୀଡ୍ ଯଥା ଆସିକା, ରାୟଗଡା, ବ୍ରଜରାଜନଗର ଏବଂ ସମ୍ବଲପୁର ପାଇଁ ଟେଣ୍ଡର ଫ୍ଲୋଟ୍ (Tender Float)କରାଯାଇଛି ।

(୭) ଅନ୍ୟ ନଅଗୋଟି ସବଷ୍ଟେସନରେ ମଧ୍ୟ ସବଷ୍ଟେସନ୍ ଅଟୋମେସନ ସିସଟମ୍ କାର୍ଯ୍ୟ ଚାଲୁ ରହିଛି ।

(୮) କେନ୍ଦ୍ରାପଡା ଏବଂ ସୋନପୁର ଗ୍ରୀଡ୍ ରେ କ୍ୟାପାସିଟର ବ୍ୟାଙ୍କ ସ୍ଥାପନ ।

(୯) କେତେକ ସିଲେକଟେଡ୍ ଗ୍ରୀଡ୍ ରେ ପୁରୁଣା ଏବଂ ବ୍ୟବହାରଯୋଗ୍ୟ ନଥିବା ବ୍ରେକର, ସି.ଟି, ପି.ଟି, ଲାଇଟନିଙ୍ଗ୍ ଆରେଷ୍ଟର, ଆଇସୁଲେଟର ଏବଂ ରିଲେ ଗୁଡିକୁ ବଦଳାଯାଇ ନୂଆ ଲଗାଯାଇଅଛି ।Earthing system ର Renovation ମଧ୍ୟ ଚାଲିଛି ।

(୧୦) ERPC ର ଗାଇଡ୍ ଲାଇନ ଅନୁଯାୟୀ ୧୦୨ ସ୍ଥାନରେ ପଲ୍ୟୁସନ୍ ମ୍ୟାପିଙ୍ଗର କାର୍ଯ୍ୟ ଚାଲୁରହିଛି ।

(୧୧) ୧୩୨/୩୩ କେ.ଭି. ଗଂଜାମ ଗ୍ରୀଡ୍ ସବଷ୍ଟେସନ୍ ର ରିନୋଭେସନ (Renovation) ।

(୧୨) ଶକ୍ତି ସଂରକ୍ଷଣ ପାଇଁ, ସୁଇଚ୍ ୟାଡ୍ ରେ LED ର ବ୍ୟବହାର ତଥା ଷ୍ଟାର୍ ରେଟେଡ୍ ଏ.ସି ର ସ୍ଥାପନ ଏବଂ ମାସିକିଆ Energy Audit ଏବଂ Loss calculation ର ବ୍ୟବସ୍ଥା ଚାଲୁରହିଛି ।

**<u>କନଷ୍ଟ୍ରକସନ୍ ବିଭାଗ (Construction Wing)</u>**ଦ୍ୱାରା ୨୦୧୬-୧୭ ଆର୍ଥିକ ବର୍ଷରେ ୪୦୦/୨୨୦/୧୩୨ କେ.ଭି ବିଶିଷ୍ଟ ସବ୍-ଷ୍ଟେସନ ତଥା ଟ୍ରାନ୍ସମିଶନ୍ ଲାଇନ୍ ପ୍ରକଳ୍ପ ଗୁଡିକ ମଧ୍ୟରୁ ୫ ଗୋଟିର କାର୍ଯ୍ୟ ସମାପ୍ତ ହୋଇଛି ଏବଂ ଅନ୍ୟ ୧୯ ଗୋଟିର କାର୍ଯ୍ୟ ଏହି ଆର୍ଥିକ ବର୍ଷ ମଧ୍ୟରେ ସମାପ୍ତ କରିବାପାଇଁ ଲକ୍ଷ୍ୟ ରଖାଯାଇଛି । ନିର୍ମାଣଧୀନ ଅନ୍ୟାନ୍ୟ ପ୍ରାୟ ୩୯ଟି ପ୍ରକଳ୍ପର କାର୍ଯ୍ୟକୁ ଆଗେଇ ନେବାପାଇଁ ପ୍ରଚେଷ୍ଟା ଜାରି ରହିଛି ଓ ୪ ଗୋଟି ନୂତନ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ରଖାଯାଇଛି । ଏହାବ୍ୟତୀତ “Japan Internation Co-operation Agency”(JICA) ସହଯୋଗରେ ୯ ଗୋଟି ନୂତନ ପ୍ରକଳ୍ପର କାର୍ଯ୍ୟ ମଧ୍ୟ ଏହି ଆର୍ଥିକ ବର୍ଷ (୨୦୧୬-୧୭) ମଧ୍ୟରେ ଆରମ୍ଭ କରିବାର ଯୋଜନା ଅଛି ।

**<u>ଟେଲିକମ୍ ବିଭାଗର କାର୍ଯ୍ୟ ବିବରଣୀ:-</u>**

(୧) ସମସ୍ତ ୨୨୦ କେ.ଭି. ଗ୍ରୀଡ୍ ସବଷ୍ଟେସନରେ SCADA, ଇଣ୍ଟରଫେସ୍ ପଏଣ୍ଟଯୋଗାଇ ଦେବାର ସୁବ୍ୟବସ୍ଥା ପାଇଁ କାର୍ଯ୍ୟ ଚାଲୁରହିଛି ।

(୨) କାର୍ଯ୍ୟରତ ସମସ୍ତ ଗ୍ରୀଡ୍ ସବଷ୍ଟେସନରେ Extension of ULDC SCADA ମାର୍ଚ୍ଚ ୨୦୧୭ ସୁଦ୍ଧା ଶେଷ କରିବାର ଯୋଜନା ରହିଛି ।

(୩) ULDCscheme ରେ Reframing of Microware Network କାର୍ଯ୍ୟ ଶେଷ ହୋଇଛି ।

(୪) ପ୍ରସ୍ତାବିତ ୧୯ (ଉଣେଇଶ) ଟି ନୂଆ ସବଷ୍ଟେସନରେ PLCC/SCADA facilities ଯୋଗାଇବାର ବ୍ୟବସ୍ଥା ଥିବାବେଳେ ୧୧ ଟିର କାର୍ଯ୍ୟ ଶେଷ ହୋଇଛି । ଅନ୍ୟ ୮ ଟିର କାର୍ଯ୍ୟ ମାର୍ଚ୍ଚ-୨୦୧୭ ସୁଦ୍ଧା ଶେଷ କରିବାକୁ ଯୋଜନା ରହିଛି ।

(୫) 100 Mbps optic fibre channel ଆଇ.ଟି ଉଇଙ୍ଗକୁ ଯୋଗାଇ ଦିଆଯାଇଛି ।

(୬) Spare fibre PGCIL କୁ ଲିଜ୍ ଆକାରରେ ଦିଆଯାଇଛି ।

(୭) ସମସ୍ତ ବଣ୍ଟନ କମ୍ପାନୀ (DISCOMs) ଙ୍କୁ SCADA ସୁବିଧା ଯୋଗାଇ ଦିଆଯାଇଛି ।

(୮) କର୍ମଚାରୀମାନଙ୍କୁ ଯୋଗାଇ ଦିଆଯାଇଥିବା CUG ସ୍କିମ୍ ପରିଚାଳନା କରିବାର କାର୍ଯ୍ୟ ଚାଲୁରହିଛି ।

(୯) ସମସ୍ତ ୨୨୦ କେ.ଭି. ଏବଂ ତଦୁର୍ଦ୍ଧ୍ୱ ଲାଇନରେ OPGW SDH ଯନ୍ତ୍ରପାତି ଦ୍ୱାରା Tele protection commission କରିବାର କାର୍ଯ୍ୟ ମାର୍ଚ୍ଚ -୨୦୧୭ ସୁଦ୍ଧା ଶେଷ କରିବାର ଯୋଜନା ରହିଛି।

(୧୦) UFLS ଅନ୍ତର୍ଗତ ଫିଡର୍ ମାନଙ୍କରେ real time power flow କାର୍ଯ୍ୟ ଶେଷ ହୋଇଛି।

(୧୧) ସମସ୍ତ ୧୩୨ କେ.ଭି. ଲାଇନ୍ ପାଇଁ OPGW କାର୍ଯ୍ୟ ଆଗେଇ ଚାଲିଛି।

**ଇନଫରମେଶନ୍ ଟେକ୍ନୋଲୋଜି (I.T)ବିଭାଗ**

୨୦୧୬-୧୭ ଆର୍ଥିକ ବର୍ଷରେ ଶେଷ ହୋଇଥିବା/ ହେବାକୁ ଥିବା ବିଭିନ୍ନ ପ୍ରକାରର କାର୍ଯ୍ୟ ଯଥା ୨୦ଟି ପ୍ରମୁଖ ଗ୍ରୀଡ୍ ସବ୍-ଷ୍ଟେସନରେ ଭି.ଡି.ଓ କନଫେରେନସିଙ୍ଗ୍ (Video Conferencing) ସୁବିଧା, ୪ଟି ପ୍ରମୁଖ ଗ୍ରୀଡ୍-ସବ୍-ଷ୍ଟେସନରେ ସି.ସି.ଟି.ଭି ମନିଟରିଙ୍ଗ୍, ୧୦୦ ଟି ଗ୍ରୀଡ୍ ସବ୍-ଷ୍ଟେସନରେ ସ୍ୱୟଂଚାଳିତ ତଥ୍ୟ

ସଂଗ୍ରହ(Automatic data collection), ୧୨୪ ଟି Location ରେ Advance Meeting Infrastructure (AMI) ସ୍ଥାପନ, OPTCL-GRIDCO-SLDC ରେ ୱେବ ପୋର୍ଟାଲ (Web Portal) ସୁବିଧା ଇତ୍ୟାଦି ପରିଚାଳନା କରୁଅଛି ।

**ରାଜ୍ୟ ସରକାରଙ୍କ ଅନୁଦାନ ରାଶି (Govt. Grant scheme) ରେ ୨୦୧୬-୧୭ ଆର୍ଥିକ ବର୍ଷରେ ହୋଇଥିବା କାର୍ଯ୍ୟର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।**

**୧. ଓ.ଡି.ଏସ୍.ଏସ୍.ପି.(ODSSP)** ୮୭ (ସତାଅଶି) ଟି ୩୩/୧୧ କେ.ଭି ସବ୍-ଷ୍ଟେସନ ଟେଷ୍ଟ ଚାର୍ଜ (Test charge) ହୋଇସାରିଛି ଏବଂ ଆଉ ଅଧିକ ୬୫ (ପଞ୍ଚଷଠି) ଟି ମାର୍ଚ୍ଚ -୨୦୧୭ ସୁଦ୍ଧା ଚାର୍ଜ ହେବାର ଆଶା ରହିଛି ।

**୨. ଓଡାଫ୍(ODAFF)-** ସମୁଦାୟ ୧୯ଟି ମଧ୍ୟରୁ ୧୬ଟି Dedicated Fishing Feeders ର କାର୍ଯ୍ୟ ଆସନ୍ତା ଡିସେମ୍ବର,୨୦୧୬ ରୁ ମାର୍ଚ୍ଚ-୨୦୧୭ ଭିତରେ ଶେଷ ହେବ ଏବଂ ଅନ୍ୟ ୩ଟିର କାର୍ଯ୍ୟ ଡିସେମ୍ବର-୨୦୧୬ ରେ ଆରମ୍ଭ ହେବ ।

**୩. ପୂରୀ ନବକଳେବର ପ୍ରୋଜେକ୍ଟ** (Puri Nabakalebara Project)- ଗତ ଜୁନ୍-୨୦୧୫ ରେ ସବ୍-ଷ୍ଟେସନ କାର୍ଯ୍ୟ ଶେଷ ହୋଇଥିଲା । ଏବେ SCADA (Supervisory Control and Data Acquisition) ଟେଷ୍ଟିଂ ଚାଲିଛି, ଡିସେମ୍ବର-୨୦୧୬ ସୁଦ୍ଧା ଶେଷ ହେବ ।

**୪.ଆଡ୍ ଭାନ୍ସ ସ୍କ୍ରିପ୍ସ**Advance SCRIPS (State Capital Region Improvement of Power System)

(କ) ଭୁବନେଶ୍ୱର ସହରର ଜନପଥ, ସଚିବାଳୟ ମାର୍ଗ, ବିଦ୍ୟୁତ୍ ମାର୍ଗ ତଥା କଟକ ରୋଡ୍ ରେ ଭୂତଳ କେବୁଲ ମାଧ୍ୟମରେ ବିଦ୍ୟୁତ୍ ଯୋଗାଇବା ପାଇଁ LOA (Letter of Award) Nov’2015 ରେ ଇସ୍ୟୁ ହୋଇ କାର୍ଯ୍ୟ ଆଗେଇ ଚାଲିଛି ।

(ଖ) ୧୩୨ କେ.ଭି Chandaka-B GIS ଗ୍ରୀଡ୍ ଠାରୁ Mancheswar – B GIS ଗ୍ରୀଡ୍ ପର୍ଯ୍ୟନ୍ତ ଭୂତଳ କେବୁଲ ମାଧ୍ୟମରେ ବିଦ୍ୟୁତ୍ ସଂଯୋଗ ପାଇଁ Nov’2016 ରେ LOA ଇସ୍ୟୁ କରାଯାଇଛି ।

(ଗ)  କଟକ ସହରର ଭୂତଳ କେବୁଲ ମାଧ୍ୟମରେ ବିଦ୍ୟୁତ୍ ସଂଯୋଗ ପାଇଁ Aug-2016 ରେ LOA ଇସ୍ୟୁ କରାଯାଇଛି।

**୫. ଡି.ଡି.ୟୁ.ଜି.ଜେ.ୱାଇ. (DDUGJY)** ପାଇଁ LOA ଇସ୍ୟୁ କରାଯାଇ Un-Electrified (UE) ଗ୍ରାମ ଗୁଡିକର ସର୍ଭେ କାମ ଶେଷ ହୋଇଛି I Site Activities ଯଥାଶୀଘ୍ର ଆରମ୍ଭ କରାଯିବ I

**୬. ଇଣ୍ଟିଗ୍ରେଟେଡ୍ ପାୱାର୍ ଡେଭଲପମେଣ୍ଟ୍ ସ୍କିମ୍ (IPDS):-**

ଏହି କାର୍ଯ୍ୟ ପାଇଁ  LOA ଇସ୍ୟୁ ହୋଇସାରିଛି I ସେସୁ ଏବଂ ୱେସ୍କୋର ସର୍ଭେ କାର୍ଯ୍ୟ ଶେଷ ହୋଇଥିଲା ବେଳେ,  ନେସ୍କୋ ତଥା ସାଉଥକୋର ସର୍ଭେ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାର ବ୍ୟବସ୍ଥା ଚାଲିଛି I

(୭)  **ରେଡିଆଲ୍ ଟୁ ରିଙ୍ଗ କନଭରସନ୍ ପ୍ରୋଜେକ୍ଟ (RRCP):-**

ଗ୍ରାହକମାନଙ୍କୁ ଉନ୍ନତମାନର ନିରବଚ୍ଛିନ୍ନ ବିଦ୍ୟୁତ ଶକ୍ତି ଯୋଗାଇ ଦେବାପାଇଁ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକ ମଧ୍ୟରୁ ୩ ଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଥିଲାବେଳେ ୪ଟିର କାର୍ଯ୍ୟ ଚାଲୁ ରହିଛି I ଅନ୍ୟ  ଗୋଟିଏର ଟେଣ୍ଡରିଂ ପ୍ରକ୍ରିୟା ସରିଛି ଏବଂ ଆଉ ଦୁଇଟି ପ୍ରକଳ୍ପ ପାଇଁ ଟେଣ୍ଡରିଂ କାର୍ଯ୍ୟ କରିବାର ବ୍ୟବସ୍ଥା ଚାଲିଛି  I

(୮)**ଡ଼ିଜାଷ୍ଟର ରେଜିଲିଏଣ୍ଟ ପାୱାର ସିଷ୍ଟମ୍ (DRPS):-**

ବନ୍ୟା ଓ ବାତ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ,  ଶକ୍ତି ଭିତ୍ତିଭୂମି (Energy Infrastructure)ସୃଷ୍ଟି କରିବା ନିମନ୍ତେ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକ ମଧ୍ୟରୁ  ଗୋଟିକର କାର୍ଯ୍ୟ ଶେଷ ହୋଇଥିଲା ବେଳେ,  ଚାରୋଟିର କାର୍ଯ୍ୟ ଚାଲୁ ରହିଛି ଏବଂ ଅନ୍ୟ ଦୁଇଟିର ଟେଣ୍ଡରିଂ ପାଇଁ ବ୍ୟବସ୍ଥା ଚାଲିଛି I

(୯)  **ଡ଼ିଜାଷ୍ଟର ରେସପନ୍ସ ସେଣ୍ଟର (DRC):-**

ବାତ୍ୟା "ଫାଇଲିନ୍" ର ଅଭିଜ୍ଞତା ଭିତ୍ତିରେ ଖୁବ୍ କମ୍ ସମୟ ମଧ୍ୟରେ ପାୱାର ସପ୍ଲାଏ,  ପୁନଃ ପ୍ରସାରଣ/  ବିତରଣ କରିବା ପାଇଁ ନଅଗୋଟି ଡ଼ିଷ୍ଟ୍ରିବ୍ୟୁସନ୍ ଲୋକେସନରେ (Distribution location) ମୋଟ ୮୭୫ ଏମ୍.ଭି.ଏ (875 MVA) କ୍ଷମତାର "ଟ୍ରାନ୍ସଫରମର ବ୍ୟାଙ୍କ" ସ୍ଥାପନ କରାଯାଇଛି ଏବଂ ୧୨ଟି ଇମରଜେନ୍ସି ରିଷ୍ଟୋରେସନ୍  ସିସଟମ୍  (ERS)  ଟାୱାର ଅତିଶୀଘ୍ର receive କରିବାର ବ୍ୟବସ୍ଥା ଚାଲିଛି I

(୧୦) **ସ୍ମାର୍ଟ୍ ଗ୍ରୀଡ୍ (Smart Grid):-**

ନୂତନ ଜ୍ଞାନ କୌଶଳ ଯଥା GIS (Geographical Information System), SCADA (Supervising Central And Data Acquisition), OPGW (Optical General Wire), AMI (Advance Mitering Infrastructure) ଇତ୍ୟାଦିର ଉପଯୋଗ କରି ଗ୍ରୀଡ୍ ଗୁଡିକୁ Smart Gridରେ ପରିଣତ କରିବାପାଇଁ” IT wing ଏବଂ Telecom wing ଦ୍ୱାରା ବିଭିନ୍ନ ପ୍ରକାର କାର୍ଯ୍ୟ ଚାଲୁ ରହିଛି।

**ଗ୍ରୀଡକୋର ପ୍ରମୁଖ କାର୍ଯ୍ୟାବଳୀ**

ଓଡିଶାର ବିଦ୍ୟୁତ୍ ସଂସ୍କାର ଆଇନ୍ ୧୯୯୫ ର ପ୍ରଚଳନ ପରେ ତତ୍କାଳିନ କାର୍ଯ୍ୟରତ ଥିବା ରାଜ୍ୟ ବିଦ୍ୟୁତ୍ ବୋର୍ଡର (OSEB) ଉତ୍ତରାଧିକାରୀ ସଂସ୍ଥା ରୂପେ କାର୍ଯ୍ୟ କରିବା ପାଇଁ, ୧୯୫୬ ମସିହା କମ୍ପାନୀ ଆଇନ୍ ଅନୁଯାୟୀ ଓଡିଶା ସରକାରଙ୍କ ଅଧିକୃତ ନିଗମ ଭାବେ ତା.୨୦.୦୪.୧୯୯୫ ରିଖରେ ଗ୍ରୀଡକୋ ରେଜିଷ୍ଟ୍ରୀଭୁକ୍ତ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ବିଦ୍ୟୁତ୍ ଆଇନ୍, ୨୦୦୩ ର ନିୟମ ଅନୁସାରେ ବିଦ୍ୟୁତ୍ ସରବରାହ କାର୍ଯ୍ୟ ଗ୍ରୀଡକୋଠାରୁ ଅପସାରଣ କରିନିଆଗଲା ଏବଂ ଗ୍ରୀଡକୋ କେବଳ ମୋଟା ଆକାରର ବିଦ୍ୟୁତ୍ କିଣାବିକା କାର୍ଯ୍ୟରେ ନିୟୋଜିତ ହୋଇ ଅଦ୍ୟାବଧି ଉକ୍ତ କାର୍ଯ୍ୟ ସମ୍ପାଦନ କରିଆସୁଅଛି । ସରକାରଙ୍କ ଅନୁମୋଦିତ ନିଗମ ଭାବେ ଗ୍ରୀଡକୋ, ରାଜ୍ୟର ଚାହିଦା ଅନୁଯାୟୀ ଅର୍ନ୍ତରାଜ୍ୟ ଓ ଅନ୍ୟ ବର୍ହିରାଜ୍ୟ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରୁ ବିଦ୍ୟୁତ୍ କ୍ରୟକରି ଓଡିଶାର ବିଦ୍ୟୁତ୍ ଗ୍ରାହକମାନଙ୍କୁ ଖୁଚୁରା ଦରରେ ବିକ୍ରୟ ପାଇଁ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କୁ (DISCOMs) ମୋଟା ଆକାରର ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ସମ୍ପାଦିତ କରୁଅଛି । ଏତଦ୍ ବ୍ୟତୀତ, ଆବଶ୍ୟକତାଠାରୁ ଅଧିକ ବିଦ୍ୟୁତ୍ ଉପଲବ୍ଧି ବେଳେ, ଗ୍ରୀଡକୋ ବିକ୍ରୟ (Trading) କରି ରାଜସ୍ୱ ବୃଦ୍ଧି କରିବାରେ ସହାୟତା ମଧ୍ୟ କରୁଅଛି ।

**ବିଦ୍ୟୁତ୍ ୟୁଟିଲିଟି ଗୁଡିକର ପରିଚାଳନା -**ମାନ୍ୟବର ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ (OERC), କେସ୍ ନଂ ୫୫/୨୦୧୩ ର ନିଷ୍ପତ୍ତି ଅନୁଯାୟୀ ତା ୦୪.୦୩.୨୦୧୫ ରିଖ ଠାରୁ ୩ ଟି ବିଦ୍ୟୁତ୍ ବିତରଣ କମ୍ପାନୀ ଯଥା- ୱେସ୍କୋ, ନେସ୍କୋ, ଓ ସାଉଥକୋ ପରିଚାଳନା କ୍ଷେତ୍ରରେ ଥିବା- ରିଲାଏନ୍ସ ର ଲାଇସେନ୍ସ ରଦ୍ଦ କରି ଏହି ବିଦ୍ୟୁତ୍ ବଣ୍ଟନ କଂପାନୀମାନଙ୍କର ପ୍ରଶାସନିକ ଦାୟିତ୍ୱ ଗ୍ରୀଡକୋର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ

ହାତରେ ନ୍ୟସ୍ତ କରିଛନ୍ତି । ଉକ୍ତ ବିଦ୍ୟୁତ୍ ୟୁଟିଲିଟି ଗୁଡିକର ସୁପରିଚାଳନା ଏବଂ ବିଦ୍ୟୁତ୍ ସେବାକୁ ଅବ୍ୟାହତ ରଖିବାପାଇଁ ପ୍ରଶାସକ ମହୋଦୟ ୩ଟି ଯାକ ୟୁଟିଲିଟିରେ ପ୍ରାଧିକୃତ ଅଧିକାରୀ ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ନିୟୋଜିତ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ୩ଟି ଯାକ ବିଦ୍ୟୁତ୍ ୟୁଟିଲିଟି ପ୍ରଶାସକଙ୍କ ଅଧିନରେ ଏଯାବତ୍ ସୁପରିଚାଳିତ ହେଉଅଛି । ଯଦିଓ ପୂର୍ବ ରିଲାଏନ୍ସ ପରିଚାଳିତ 3ଟି ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନେ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କର ତା ୦୪.୦୩.୨୦୧୫ ରିଖ ଆଦେଶନାମା ବିରୁଦ୍ଧରେ ମାନ୍ୟବର ବିଦ୍ୟୁତ ପ୍ରାଧିକରଣ ନୂଆଦିଲ୍ଲୀଙ୍କ ଠାରେ ତା ୦୫.୦୩.୨୦୧୫ ରିଖରେ ତତକ୍ଷଣାତ୍ ରହିତାଦେଶପାଇଁ ଅପିଲ କରିଥିଲେ, ଯାହାକି ମାନ୍ୟବର ପ୍ରାଧିକରଣ (APTEL) ତାଙ୍କର ତା ୨୧.୦୪.୨୦୧୫ ରିଖ ମଧ୍ୟବର୍ତ୍ତୀକାଳୀନ ଆଦେଶନାମାନୁଯାୟୀ ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନଙ୍କର ରହିତାଦେଶ ପାଇଁ କରିଥିବା ଆବେଦନକୁ ଖାରଜ କରିଛନ୍ତି । ବର୍ତ୍ତମାନ ଉକ୍ତ ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନଙ୍କର ମୁଖ୍ୟ ଅପିଲ ନଂ 64/2015 ମାନ୍ୟବର ବିଦ୍ୟୁତ୍ ପ୍ରାଧିକରଣଙ୍କର ବିଚାରାଧିନ ଅଛି ।

ନିମ୍ନଲିଖିତ ମୁଖ୍ୟ କାର୍ଯ୍ୟ ଗୁଡିକ ୨୦୧୫-୧୬ ମସିହାରେ ଗ୍ରୀଡକୋ ଦ୍ୱାରା ସମ୍ପାଦିତ ହୋଇଅଛି :-

୧. ବିଦ୍ୟୁତ୍ କ୍ରୟ:-

୨୦୧୬-୧୭ ଆର୍ଥିକ ବର୍ଷରେ (ଏପ୍ରିଲ୍ ୨୦୧୬ ଠାରୁ ସେପ୍ଟେମ୍ବର ୨୦୧୬) ଗ୍ରୀଡକୋ ବିଭିନ୍ନ ଉତ୍ସରୁ କ୍ରୟ କରିଥିବା ବିଦ୍ୟୁତର ବିଷଦ ବିବରଣୀ ନିମ୍ନରେ ପ୍ରଦାନ କରାଗଲା :-

ବାର୍ଷିକ କାର୍ଯ୍ୟ ବିବରଣୀ ୨୦୧୬-୧୭

| କ୍ରମିକ ସଂଖ୍ୟା | ବିଦ୍ୟୁତ୍ ଉତ୍ପାଦକ କେନ୍ଦ୍ରର ନାମ | କ୍ରୟ କରାଯାଇଥିବା ବିଦ୍ୟୁତ୍ ଶକ୍ତିର ପରିମାଣ (MU) | ମୂଲ୍ୟ ସୂଚୀ (ପଇସା ୟୁନିଟ୍) | ବିଦ୍ୟୁତ୍ କ୍ରୟର ପରିମାଣ (ମୂଲ୍ୟ କୋଟିରେ) |
|---|---|---|---|---|
| 1 | ଓଡିଶା ଜଳ ବିଦ୍ୟୁତ୍ ନିଗମ OHPC (ମାଛକୁଣ୍ଡ ସମେତ) | 2606.00 | 91.32 | 237.99 |
| 2 | ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (OPGC) | 1389.00 | 241.92 | 336.02 |

| | | | | |
|---|---|---|---|---|
| 3 | ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର (TTPS) | 1653.00 | 301.60 | 498.55 |
| 4 | ବେଦାନ୍ତ ଲିମିଟେଡ୍ GMR Kamalanga Energy Limited | 2314.00 | 234.78 | 543.29 |
| 5 | ଜେ.ଆଇ.ଟି.ପି.ଏଲ୍ | - | - | - |
| 6. | ସିଜିପିଯକୋ.ଜେନେରେସନ୍ | - | - | - |
| 7. | ନିୟୁ ଆଣ୍ଡ ରିନିୱେବଲ୍ ଉତ୍ସରୁ | 297.00 | 526.90 | 156.49 |
| 8. | ସେଣ୍ଟ୍ରାଲ୍ ଥର୍ମାଲ୍ | 3921.00 | 326.01 | 1278.29 |
| 9. | ସେଣ୍ଟ୍ରାଲ୍ ହାଇଡ୍ରୋ | 662.00 | 234.03 | 154.93 |
| 10 | ଟ୍ରେଡିଙ୍ଗ ଥ୍ରୁ ପାୱାର ଏକ୍ସଚେଞ୍ଜ | - | - | - |
| 12 | ଏସ.ଓ.ସି. ଏବଂ ଏମ.ଓ.ସି ଖର୍ଚ୍ଚ | 169.00 | 92.72 | 15.67 |
| 11 | ପି.ଜି.ସି.ଆଇ.ଏଲ୍ | - | - | - |
| ମୋଟ୍ | | **13011** | **247.58** | **3221.23** |

ଉପରୋକ୍ତ ବିବରଣୀରୁ ଜଣାଯାଏ ଯେ, ଆର୍ଥିକ ବର୍ଷ ୨୦୧୬-୧୭ ପ୍ରଥମାର୍ଦ୍ଧରେ (ଏପ୍ରିଲ ୨୦୧୬ ଠାରୁ ସେପ୍ଟେମ୍ବର ୨୦୧୬ ପର୍ଯ୍ୟନ୍ତ, ଗ୍ରୀଡକୋ ୧୩୦୧୧ ନିୟୁତ ବିଦ୍ୟୁତ୍ ୟୁନିଟ୍ (ହାରାହାରୀ ୨୪୭.୫୮ ପଇସା ପ୍ରତି ୟୁନିଟ୍ ପିଛା) କ୍ରୟ କରି ଏହାର ମୂଲ୍ୟ ବାବଦକୁ ୩୨୨୧.୨୩ କୋଟି ବ୍ୟୟ କରିଅଛି ।

## 2. ରାଜ୍ୟର ବିଦ୍ୟୁତ୍ ଦୃଶ୍ୟପଟ୍ଟ, ଆଇ.ପି.ପି (IPPs) କାର୍ଯ୍ୟକ୍ଷମ ଏବଂ ଶକ୍ତି ବୃଦ୍ଧିକରଣ

ବିଭିନ୍ନ କ୍ଷେତ୍ରରୁ ଗ୍ରୀଡକୋକୁ ଉପଲବ୍ଧ ବିଦ୍ୟୁତ୍ ଶକ୍ତି ପରିମାଣର ବିଷଦ ବିବରଣୀ ନିମ୍ନରେ ପ୍ରଦାନ କରାଗଲା :-

| କ୍ରମିକ ସଂଖ୍ୟା | ବିଦ୍ୟୁତ୍ ଉପଲବ୍ଧ କ୍ଷେତ୍ର (ମେଗାୱାଟ୍) | ଉପଲବ୍ଧିତ ଶକ୍ତିର ପରିମାଣ |
|---|---|---|
| 1. | ରାଜ୍ୟ ଜଳବିଦ୍ୟୁତ୍ ପ୍ରକଳ୍ପ (State Hydro) | 2,023 |

| | | |
|---|---|---|
| 2. | ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (OPGC) | 420 |
| 3. | ଟି.ଟି.ପି.ଏସ୍ | 460 |
| 4. | ଆଇ.ପି.ପି (ବେଦାନ୍ତ ଜି.ଏମ୍.ଆର., ଯେ.ଆଇ.ଟି.ପି.ଏଲ୍ ଏବଂ ଏନ୍.ବି.ଭି.ଏଲ୍) | 1,344 |
| **5.** | ନୂତନ ଓ ଅକ୍ଷୟ ଶକ୍ତି ଉତ୍ସ (New & Renewable Sources) | 215 |
| ମୋଟ୍ ରାଜ୍ୟ ମଧ୍ୟରୁ (State Allocation) | | 4,461 |
| 7. | କେନ୍ଦ୍ରୀୟ (ଜଳ ବିଦ୍ୟୁତ୍ )(Central Hydro) | 189 |
| 8. | କେନ୍ଦ୍ରୀୟ (ତାପଜ ବିଦ୍ୟୁତ୍ )(Central Thermal) | 1,203 |
| ମୋଟ୍ କେନ୍ଦ୍ର ପ୍ରଦତ୍ତ (Central Allocation) | | 1,392 |
| **ସର୍ବମୋଟ** | | **5,854** |

**ସାମ୍ପ୍ରତିକ ପଦକ୍ଷେପ**

1. ବିଜୁଳିଶକ୍ତିର ଚାହିଦା ବୃଦ୍ଧି କୁ ଲକ୍ଷ୍ୟରେ ରଖି, ରାଜ୍ୟ ସରକାର 27 ଟି କୋଇଲା ଭିତ୍ତିକ ତାପଜ କେନ୍ଦ୍ର (IPP) ମାନଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି ଏବଂ ସେହିପରି ଭାବେ ଗ୍ରୀଡକୋ ଉପରୋକ୍ତ IPP ଙ୍କ ସହ ବିଦ୍ୟୁତ୍ କ୍ରୟ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି ।

2. ଉପରୋକ୍ତ IPP ମାନଙ୍କ ମଧ୍ୟରୁ ମେସର୍ସ ବେଦାନ୍ତ ଲିମିଟେଡ୍, ମେସର୍ସ GMR କମଲାଙ୍ଗ ଏନର୍ଜି ଲିମିଟିଡ ଓ ମେସର୍ସ ଜିନ୍ଦାଲ ଇଣ୍ଡିଆ ଥର୍ମାଲ ପାୱାର ଲିମିଟେଡ୍ ଯଥାକ୍ରମେ 2400 ମେଗାୱାଟ୍, 1050 ମେଗାୱାଟ୍ ଓ 1200 ମେଗାୱାଟ୍ କ୍ଷମତା ବିଶିଷ୍ଟ ବାଣିଜ୍ୟ ଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରି ସେମାନଙ୍କର ଉତ୍ପାଦନ ଆରମ୍ଭ କରି ସାରିଛନ୍ତି । ଏହି IPP ମାନଙ୍କରେ ରାଜ୍ୟର ଅଂଶ ବାବଦକୁ ଯଥାକ୍ରମେ 720 ମେଗାୱାଟ୍, 472.50 ମେଗାୱାଟ୍ ଓ 144ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ମିଳିବାର ପ୍ରାବଧାନ କରାଯାଇଛି ।

3. ତା 26.02.2013 ରିଖ ଦିନ 60 MW ବିଶିଷ୍ଟ ମେସର୍ସ ନବଭାରତ ଭେଞ୍ଚର୍ସ ଲିମିଟେଡ୍ (NBVL) ସହିତ ଗ୍ରୀଡକୋ ବିଦ୍ୟୁତ୍ କ୍ରୟ ରାଜିନାମା (30.10.2014) ଓ ତା 23.09.2015 ରେ ପରିମାର୍ଜିତ ରାଜିନାମା ସ୍ୱାକ୍ଷର କରିବା ପୂର୍ବକ ରାଜ୍ୟର ଅଂଶ ବାବଦକୁ 7.2 MW ବିଦ୍ୟୁତ୍ ଶକ୍ତି କ୍ରୟ କରିବାପାଇଁ ଚୁକ୍ତି ବଦ୍ଧ ହୋଇଛନ୍ତି । ଏଥି ସହିତ 2X350 MW ବିଶିଷ୍ଟ M/s IBEUL,ଝାରସୁଗୁଡା ଜିଲ୍ଲାର ସାଜବାହାଲ ଠାରେ 2016-17 ଆର୍ଥିକ ବର୍ଷ ଶେଷ ସୁଦ୍ଧା ବାଣିଜ୍ୟ ଭିତ୍ତିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାକୁ ଯାଉଛି । ଏହି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଓଡିଶା, ରାଜ୍ୟର ଅଂଶ ବାବଦକୁ 12% ବା 84 MW ବିଜୁଳି ଶକ୍ତି ପାଇପାରିବ I M/s Monet Power Company Limited (MPCL),ଆସନ୍ତା ଜୁନ୍ ଓ ଡିସେମ୍ବର 2017 ସୁଦ୍ଧା ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରିବାପାଇଁ ଲକ୍ଷ୍ୟ ରଖିଛନ୍ତି । ଏହି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ରାଜ୍ୟର ଅଂଶ ବାବଦକୁ, ଓଡିଶା 472.5 MW ବିଦ୍ୟୁତ୍ ଶକ୍ତି ପାଇବାର ପ୍ରାବଧାନ ଅଛି । ମେସର୍ସ Lanco Babondha Power Ltd(LBPL)ତାଙ୍କର ଢେଙ୍କାନାଳର କୁରୁଣ୍ଟି ଠାରେ ଥିବା 2X660 MW ବିଶିଷ୍ଟ ତାପଜ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ନେଉଛନ୍ତି ଏବଂ ସେମାନେ ଆଶାବାଦୀ ଯେ, ସେପ୍ଟେମ୍ବର 2017 ଓ ମାର୍ଚ୍ଚ 2018 ସୁଦ୍ଧା ଦୁଇଟି ଯାକ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରିବ । ରାଜ୍ୟର ଅଂଶ ବାବଦକୁ, ଓଡିଶା ଏହି ବିଦ୍ୟୁତ କେନ୍ଦ୍ରରୁ 594 MW ବିଦ୍ୟୁତ୍ ଶକ୍ତି ପାଇପାରିବ ।

4. ରାଜ୍ୟରେ ସାମ୍ପ୍ରତିକ ବିଦ୍ୟୁତ୍ ଶକ୍ତିର ବଳକା ଅବସ୍ଥା ଏବଂ ତତ୍ ସହ ଏନ୍.ଟି.ପି.ସିରୁ ମିଳୁଥିବା ବିଦ୍ୟୁତ୍ ଶକ୍ତିର ଅଧିକ ମୂଲ୍ୟ ଯୋଗୁଁ, ଗ୍ରୀଡକୋ ଏନ୍.ଟି.ପି.ସି Barh ଭଳି ଅଧିକ ମୂଲ୍ୟଯୁକ୍ତ ବିଦ୍ୟୁତ୍ କେନ୍ଦ୍ର ଗୁଡିକରୁ ଅପେକ୍ଷାକୃତ ଶସ୍ତା ବିଦ୍ୟୁତ୍ କେନ୍ଦ୍ରକୁ (North Karanpura ବିଦ୍ୟୁତ୍ କେନ୍ଦ୍ରକୁ ଛାଡି) ରାଜ୍ୟର ଅଂଶ ଉଚ୍ଛେଦ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରି ଆସୁଛନ୍ତି;ଯାହାକି ଏ ପର୍ଯ୍ୟନ୍ତ ପୂରଣ ହୋଇନାହିଁ ।

## ଓଡିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଟିପିସି) ର କାର୍ଯ୍ୟାବଳୀ

ଓଡିଶା ସରକାରଙ୍କ ନିଷ୍ପତ୍ତି ଅନୁସାରେ ଓଡିଶା ଜଳ ବିଦ୍ୟୁତ୍ ନିଗମ ଏବଂ ଓଡିଶା ଖଣି ନିଗମର ଯୌଥ ଉଦ୍ୟମରେ ଓଡିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଟିପିସି) 2007 ମସିହା ଜାନୁୟାରୀ ୨୯ ତାରିଖରେ

ସ୍ଥାପିତ ହେଲା । ଉକ୍ତ ନିଗମ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଠାରେ ତାର ୩୨୦୦ ମେଗାୱାଟ (୩ x ୮୦୦ +୧x ୮୦୦ ମେଗାୱାଟ୍) ବିଶିଷ୍ଟ ସୁପର କ୍ରିଟିକାଲ୍ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଯୋଜନା ରଖିଅଛି ।

- ► କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକାରୀଙ୍କ ଅନୁଧ୍ୟାନ ଓ ପରିଦର୍ଶନ ପରେ ଉକ୍ତ ପ୍ରକଳ୍ପ ପାଇଁ ସମୁଦାୟ ୧୭୬୭.୯୦୮ ଏକର ଜମି ଅଧିଗ୍ରହଣ କରିବାକୁ ଚୂଡାନ୍ତ ହୋଇଛି ।
- ► ବେସରକାରୀ ଜମିର କ୍ଷତିପୂରଣ ବାବଦକୁ ୬୦% ଅର୍ଥ ପ୍ରଦାନ କରାଯିବା ସ୍ଥଳେ ସରକାରୀ ଜମି ଅଧିଗ୍ରହଣ ଶେଷ ପର୍ଯ୍ୟାୟରେ ଅଛି ।
- ► ଉକ୍ତ ପ୍ରକଳ୍ପର ଅଟକଳ ମୂଲ୍ୟ ୧୬,୧୭୪,୧୭ କୋଟି ଟଙ୍କା ଅଟେ । ପ୍ରତି ମେଗାୱାଟ୍ ପିଛା ୬.୭୪ କୋଟି ଟଙ୍କା ଖର୍ଚ୍ଚ ହେବ । ୨୫ ବର୍ଷ ପର୍ଯ୍ୟନ୍ତ ବାଣିଜ୍ୟଶୁଳ୍କ ପଦ୍ଧତିରେ ୧୦% ରିହାତି ଦାମ ସହିତ ଏହାର ଆନୁମାନିକ ମୁଲ୍ୟ ପ୍ରତି କିଲୋୱାଟ୍ ପିଛା ୩.୧୬ ଟଙ୍କା । ବର୍ତ୍ତମାନ ସୁଦ୍ଧା ଉକ୍ତ ପ୍ରକଳ୍ପରେ ୨୧୬.୦୦ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି ।
- ► ପ୍ରକଳ୍ପରୁ ଉତ୍ପାଦିତ ସମସ୍ତ ବିଦ୍ୟୁତ୍ ଶକ୍ତି ବିକ୍ରୟ ନିମନ୍ତେ ଓଡିଶା ସରକାରଙ୍କ ଗ୍ରୀଡକୋ ସଂସ୍ଥା ସହିତ ରାଜିନାମା ସ୍ୱାକ୍ଷରିତ ହୋଇଛି ।
- ► ମୃତ୍ତିକା ଅନୁସନ୍ଧାନ, ଭୂତଳ ଜଳ ସର୍ବେକ୍ଷଣ, ସାମାଜିକ ଅର୍ଥନୈତିକ ଅଧ୍ୟୟନ, ଭୂତତ୍ତ୍ୱ ସମ୍ବନ୍ଧୀୟ ଅଧ୍ୟୟନ, ବାହ୍ୟରେଖା ସମ୍ବନ୍ଧୀୟ, ଜଳ ନିଷ୍କାସନ, ଜଳ ବିଜ୍ଞାନ ଇତ୍ୟାଦି ସମ୍ବନ୍ଧୀୟ ସମସ୍ତ ଅଧ୍ୟୟନ ସମ୍ପୂର୍ଣ୍ଣ ହୋଇଯାଇଛି । ଉକ୍ତ ପ୍ରକଳ୍ପର ପ୍ରାରମ୍ଭିକ କାର୍ଯ୍ୟ ଯଥା ସୀମା ନିର୍ଦ୍ଧାରଣ ଓ ସ୍ଥାନୀୟ କାର୍ଯ୍ୟାଳୟ ନିର୍ମାଣ କରିବାପାଇଁ ଓଡିଶା ସରକାରଙ୍କ ଇଡ୍ କୋ ସଂସ୍ଥା କୁ ନିୟୋଗ କରାଯାଇଛି ।
- ► ପ୍ରକଳ୍ପ ନିମନ୍ତେ ଆବଶ୍ୟକ ଜମି ଅଧିଗ୍ରହଣ କାର୍ଯ୍ୟ ସହିତ ସୀମା ପାଚେରୀ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି ।
- ► ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ପାରିପାର୍ଶ୍ୱିକ ଅଞ୍ଚଳରେ ଆବଶ୍ୟକୀୟ ବିକାଶମୂଳକ କାର୍ଯ୍ୟ ଆଗେଇ ଚାଲିଛି ।
- ► ପ୍ରକଳ୍ପ ନିମନ୍ତେ ଆବଶ୍ୟକ ୮୦ କ୍ୟୁସେକ୍ ଜଳ ଯୋଗାଣ ପାଇଁ ଓଡିଶା ସରକାରଙ୍କର ଜଳ ସମ୍ପଦ ବିଭାଗ ସ୍ୱୀକୃତି ପ୍ରଦାନ କରିଛନ୍ତି ।
- ► ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ପାରିପାର୍ଶ୍ୱିକ ଅଞ୍ଚଳରେ ଆବଶ୍ୟକୀୟ ବିକାଶମୂଳକ କାର୍ଯ୍ୟ ଆଗେଇ ଚାଲିଛି ।
- ► ପ୍ରକଳ୍ପ ନିମନ୍ତେ ଆବଶ୍ୟକ ୮୦ କ୍ୟୁସେକ୍ ଜଳ ଯୋଗାଣ ପାଇଁ ଓଡିଶା ସରକାରଙ୍କର ଜଳ ସମ୍ପଦ ବିଭାଗ ସ୍ୱୀକୃତି ପ୍ରଦାନ କରିଛନ୍ତି ।
- ► ଉକ୍ତ ପ୍ରକଳ୍ପ କ୍ଷେତ୍ରରେ ଖଣିଜ ପଦାର୍ଥ ଓ ପ୍ରତ୍ନତାତ୍ତ୍ୱିକ କିର୍ତ୍ତୀର ଅନୁପଲବ୍ଧର ପ୍ରମାଣ ପତ୍ର ଓଡିଶା ସରକାରଙ୍କର ସଂଶ୍ଳିଷ୍ଟ ସଂସ୍ଥା ଠାରୁ ଆହରଣ କରାଯାଇଛି ।
- ► ପ୍ରକଳ୍ପର ଜଙ୍ଗଲ ଜମି ବିଚ୍ୟୁତ ପ୍ରସ୍ତାବ, ମଞ୍ଜୁରୀ ନିମନ୍ତେ ସଂଶ୍ଳିଷ୍ଟ ସଂସ୍ଥାକୁ ଆବେଦନ କରାଯାଇଛି ।
- ► ପ୍ରକଳ୍ପର ପରିବେଶ ମଞ୍ଜୁରୀ ନିମନ୍ତେ ଭାରତ ସରକାରଙ୍କର ଅଧିନସ୍ଥ ମେ.କ.ନ୍ ଲିଃ. କୁ ନିଯୁକ୍ତି କରାଯାଇଛି । ଉକ୍ତ ସଂସ୍ଥା ଏଥି ନିମନ୍ତେ ପରିବେଶୀୟ ପ୍ରଭାବ ଆକଳନ ଓ ପରିବେଶ ପରିଚାଳନା

ଯୋଜନା ସମ୍ବନ୍ଧୀୟ ବିବରଣୀ ପ୍ରସ୍ତୁତ କରିବା ସହିତ ଆବଶ୍ୟକୀୟ ଜନ ଶୁଣାଣି କାର୍ଯ୍ୟ ଶେଷ କରିଛନ୍ତି ।

► ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଭାରତ ସରକାରଙ୍କର କୋଇଲା ମନ୍ତ୍ରଣାଳୟ ଦ୍ୱାରା ତେନ୍ତୁଲୋଇ କୋଇଲା ଖଣି ଆବଣ୍ଟନ କରାଯାଇଛି । ଏହା ଏକ ଅତି ନିମ୍ନ ଭୂଗର୍ଭସ୍ଥ କୋଇଲା ଖଣି ହୋଇଥିବାରୁ ଏଥିରୁ କୋଇଲା ଉତ୍ତୋଳନ ଅତ୍ୟନ୍ତ ବ୍ୟୟ ସାପେକ୍ଷ ସହିତ ସମୟ ସାପେକ୍ଷ ଅଟେ, ଏବଂ ଏଥି ନିମନ୍ତେ ପ୍ରକଳ୍ପର ଉତ୍ପାଦନ ଖର୍ଚ୍ଚ ଅହେତୁକ ବୃଦ୍ଧି ପାଇପାରେ । ଏହି ସବୁ ଦୃଷ୍ଟିକୋଣରୁ, ଓଡିଶା ସରକାରଙ୍କ ତରଫରୁ ତେନ୍ତୁଲୋଇ କୋଇଲା ଖଣି ଆବଣ୍ଟନକୁ ବାତିଲ୍ କରି, ତା ବଦଳରେ ଛେଣ୍ଡିପଦା ଓ ଛେଣ୍ଡିପଦା-୨ କୋଇଲା ଖଣି ଆବଣ୍ଟନ କରିବାପାଇଁ ଆବେଦନ କରାଯାଇଛି । ଏହି ଦୁଇଟି କୋଇଲା ଖଣି ପ୍ରକଳ୍ପ, ବାର୍ଷିକ ୧୬ ମେଟ୍ରିକ ଟନ୍ ଆବଶ୍ୟକତାକୁ ପୂରଣ କରିବା ସହିତ ରାଜ୍ୟବାସୀଙ୍କୁ ସୁଲଭ ମୂଲ୍ୟରେ ବିଦ୍ୟୁତ୍ ଯୋଗାଇ ପାରିବେ ।

*******